## ବାରିପଦା ବ୍ଲକ୍ ସମ୍ମୁଖରେ ବିଜେଡିର ରଣହୁଙ୍କାର

# 'ସାଧାରଣ ଲୋକଙ୍କ ସ୍ୱାର୍ଥ ପାଇଁ ଲଢ଼େଇ ଜାରି ରଖିବି'





**ବାରିପଦା, ୧୮ ।୬(ସମିସ)**

ବାରିପଦା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ବାରିପଦା ବ୍ଲକ୍ ବିଜୁ ଜନତା ଦଳ ପକ୍ଷରୁ ବିଶାଳ ବିକ୍ଷୋଭ ପ୍ରଦର୍ଶନ, ଘେରାଉ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି । ବୃଦ୍ଧ, ବିଧବା, ଭିନ୍ନକ୍ଷମ ଓ ଅନ୍ୟାନ୍ୟ ଯୋଗ୍ୟ ହିତାଧିକାରୀଙ୍କୁ ତୁରନ୍ତ ଭତ୍ତା ପ୍ରଦାନ, ବ୍ଲକ୍‌ରେ ଚାଲିଥିବା ତଥାକଥିତ ପିସି କାରବାର ଓ ବିଡିଓଙ୍କ ମନମୁଖୀ କାର୍ଯ୍ୟର ପ୍ରତିବାଦରେ ୪,୦୦୦ରୁ ଅଧିକ ବିଜେଡି କର୍ମୀ, ଶୁଭେଚ୍ଛୁ ଓ ନେତୃମଣ୍ଡଳୀ ସାମିଲ ହୋଇଥିଲେ । ପାଲବାଣୀ ଦୁର୍ଗାପୂଜା ମଣ୍ଡପରୁ ହଜାର ହଜାର କର୍ମୀ ପ୍ରବଳ ଖରାକୁ ଭ୍ରୂକ୍ଷେପ ନ କରି ନିଜ ଅଧିକାର ପାଇଁ ରାଲିରେ ବାହାରି ବାରିପଦା ବ୍ଲକ କାର୍ଯ୍ୟାଳୟ ଅଭିମୁଖେ ଅଗ୍ରସର ହୋଇଥିଲେ । ଏହି ଜନସ୍ରୋତ ବାରିପଦା ସହରରେ ଏକ ନିଆରା ଦୃଶ୍ୟ ସୃଷ୍ଟି କରିଥିଲା । ବିଜୁ ଜନତା ଦଳର ବରିଷ୍ଠ ରାଜ୍ୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭରେ ବାରିପଦା ବ୍ଲକର ୧୧ଟି ପଞ୍ଚାୟତରୁ ହଜାର ହଜାର ସଂଖ୍ୟକ ବୃଦ୍ଧବୃଦ୍ଧା, ଭିନ୍ନକ୍ଷମ ଓ ସାଧାରଣ ଜନତା ଯୋଗଦେଇ ବ୍ଲକ୍ ପ୍ରଶାସନ ବିରୋଧରେ ନିଜର କ୍ଷୋଭ ପ୍ରକାଶ କରିଥିଲେ । ଆନ୍ଦୋଳନକାରୀ ଭତ୍ତା ପ୍ରଦାନରେ ବିଳମ୍ବ, ହିତାଧିକାରୀ ଚୟନରେ ପକ୍ଷପାତିତା ଓ ଦୁର୍ନୀତି ଅଭିଯୋଗକୁ ନେଇ ବ୍ଲକ୍ ପ୍ରଶାସନକୁ ଘେରିଥିଲେ । ସଭାକୁ ସମ୍ବୋଧିତ କରି ସାନନ୍ଦ ମାରାଣ୍ଡି କହିଥିଲେ, ସାଧାରଣ ଲୋକଙ୍କ ସ୍ୱାର୍ଥ ପାଇଁ ଶେଷ ରକ୍ତବିନ୍ଦୁ ପର୍ଯ୍ୟନ୍ତ ସଂଗ୍ରାମ ଜାରି ରଖିବି । ଯଦି ତୁରନ୍ତ ଭତ୍ତା ପ୍ରଦାନ ଓ ଦୁର୍ନୀତି ବନ୍ଦ ନ ହୁଏ, ତେବେ ଏହି ଆନ୍ଦୋଳନକୁ ଆହୁରି ବ୍ୟାପକ ଓ ତୀବ୍ର କରାଯିବ । ସେ ବ୍ଲକ୍ ପ୍ରଶାସନକୁ ଚେତାବନୀ ଦେଇ କହିଥିଲେ, ଗରିବ ଲୋକଙ୍କ ଅଧିକାର ସହ ଆଉ ଖେଳ ଚାଲିବ ନାହିଁ ।

ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି କହିଥିଲେ, ଭତ୍ତା ହେଉଛି ହିତାଧିକାରୀଙ୍କ ଅଧିକାର । କୌଣସି ଦୟା କିମ୍ବା ଅନୁଗ୍ରହ ନୁହେଁ । ସେ ବ୍ଲକ୍‌ରେ ଚାଲିଥିବା ପିସି ପ୍ରଥା ଓ ବିଡିଓଙ୍କ ମନମୁଖୀ କାର୍ଯ୍ୟକୁ ତୀବ୍ର ନିନ୍ଦା କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ମୟୂରଭଞ୍ଜ ସଦର ଜିଲ୍ଲା ସଭାପତି ଡା ଦେବାଶିଷ ମାରାଣ୍ଡି, ପୂର୍ବତନ ମନ୍ତ୍ରୀ ତଥା ସାଂସଦ ସରୋଜିନୀ ହେମ୍ବ୍ରମ, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ରାଜକିଶୋର ଦାସ, ଗଣେଶ୍ୱର ପାତ୍ର, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ରାଜ୍ୟ ସମ୍ପାଦକ ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ସୁବ୍ରମଣ୍ୟମ ମହାନ୍ତି, ବ୍ଲକ୍ ଅଧ୍ୟକ୍ଷ ସୁନ୍ଦର ସିଂ, ବାରିପଦା ବ୍ଲକ୍ ସଭାପତି ସୁଜିତ ମହାନ୍ତ, ବାରିପଦା ସହର ସଭାପତି ପ୍ରଭାତ ମହାନ୍ତି, ବରିଷ୍ଠ ନେତା ପ୍ରଭାତ ନାୟକ, ଅମର ସେଠୀ, କାଉନସିଲର ଅନନ୍ତ ଦାସ, ଶ୍ରାବଣୀ ଦାସ, ଶିବଶଙ୍କର ପାତ୍ର, ଦେବାଶିଷ ପାତ୍ର, ପ୍ରଭାତୀ ପୃଷ୍ଟି, ସୁଧୀର ବାରିକ, ମହେଶ ଭଞ୍ଜଦେଓ, ଜିତା ସିଂ, ସତ୍ୟରଞ୍ଜନ ପଟ୍ଟନାୟକ, ସରୋଜ ମହାପାତ୍ର, ଲଲାଟେନ୍ଦୁ ବେହେରା, ଜିଲ୍ଲା ପରିଷଦ ସଦସ୍ୟ ନରେନ୍ଦ୍ର ହାଁସଦା, ହୃଦାନନ୍ଦ ମୁର୍ମୁ, ପୂର୍ବତନ ମହିଳା ବିଜେଡି ସଭାପତି ଦୀପ୍ତିଲତା ମିଶ୍ର, ଖଦୀ ବୋର୍ଡର ପ୍ରାକ୍ତନ ସଦସ୍ୟ ସରୋଜ ବୋଷ, ସୁଶାନ୍ତ ମିଶ୍ର, ସୁଶାନ୍ତ ପଷା, ପୂର୍ବତନ ଅଧ୍ୟକ୍ଷା ପାର୍ବତୀ ହେମ୍ବ୍ରମ, ବରିଷ୍ଠ ନେତା ଦିଲ୍ଲୀପ ପାତ୍ର, ବୈଦ୍ୟନାଥ ସାହୁ, ସିମନ ହାଁସଦା, ଅଶୋକ ନାୟକ, ଗୌତମ ସିଂ, ସାଲାଇ ହେମ୍ବ୍ରମ, ମମତା ସେଠୀ, ପୁରୁଷୋତ୍ତମ ସିଂ, ସୁହାଗି ହାଁସଦା, ବିଶ୍ୱନାଥ ହେମ୍ବ୍ରମ, କୃଷ୍ଣ ଟୁଡୁ, ସୁମନ୍ତ ବେହେରା, ଜଗନ୍ନାଥ ବେଶ୍ରା, ରବି ନାୟକ, ଆକାଶ ମହାନ୍ତ, ଦିବ୍ୟାଲୋଚନ ମହାନ୍ତ, ମନୋଜ କିସ୍କୁ, ଗୀତାରାଣୀ ବେହେରା, ରତ୍ନାକର ବେହେରା, ପ୍ରଶାନ୍ତ ବେହେରା, ଲିଟନ ମହାପାତ୍ର, ସନ୍ତୋଷ ପଟ୍ଟନାୟକ, ଅମ୍ବିକା ରାଉତ, ଯୁବ ସମ୍ପାଦକ ରାଜୀବ ଜେନା, ଅଭୟ ସିଂ, ଛାତ୍ର ଜିଲ୍ଲା ସଭାପତି ସୁନୀଲ ନାୟକ, ରାଜ୍ୟ ସାଧାରଣ ସମ୍ପାଦକ ଜିତ ପଟ୍ଟନାୟକ, ଚିତେଶ୍ୱର ବେହେରା, ବାରିପଦା ନିର୍ବାଚନମଣ୍ଡଳୀ ଛାତ୍ର ସଭାପତି ଆଭାସ ଦେ, ଦୀପକ ମଢୁଆଲ, ତରୁଣ ନାୟକ, ବଡସାହି ବ୍ଲକ୍ ଉପାଧ୍ୟକ୍ଷ କାଞ୍ଚନ ପ୍ରଧାନ, ଅମିତ ବଇଠା, ରାମଚନ୍ଦ୍ର ବିଶ୍ୱାଳ, ଦୀପକ ସାହୁ, ସମୀର ବେହେରା, ବିଶ୍ୱଜିତ ପରିଚ୍ଛା, ରାଜେଶ ପ୍ରହରାଜ, ଅମିତ୍ ମହାକୁଡ଼, ଶଙ୍କର ପାତ୍ର, ଅସ୍ମିତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ବିକ୍ଷୋଭ ସ୍ଥଳରେ ଦଳୀୟ ସ୍ଲୋଗାନରେ ପରିବେଶ ପ୍ରକମ୍ପିତ ହୋଇଥିବାବେଳେ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଜିଲ୍ଲାବ୍ୟାପୀ ଗଣଆନ୍ଦୋଳନ ଗଢ଼ି ଉଠିବ ବୋଲି ନେତାମାନେ ସତର୍କ କରାଇଥିଲେ ବୋଲି ଛାତ୍ର ସଭାପତି ଆଭାସ ଦେ ସୂଚନା ଦେଇଛନ୍ତି ।

## ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି

**ବାରିପଦା, ୧୮ ।୬(ସମିସ):** ମୟୂରଭଞ୍ଜ ଜିଲ୍ଲାରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟକୁ ଏକକ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ଓ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବାରେ ବିଳମ୍ବ ହେଉଛି । ଏହାକୁ ନେଇ ପୁଣି ଆନ୍ଦୋଳନ ଚେତାବନୀ ଦେଇଛନ୍ତି ମାସ୍ ଆଦିବାସୀ ରିଭୋଲ୍ୟୁସନାରୀ ୟୁଥ୍ ଆଣ୍ଡ ଷ୍ଟୁଡେଣ୍ଟ ଆସୋସିଏସନ୍ (ମାରିସା)ର ରାଜ୍ୟ ସଭାପତି ଅର୍ଜ୍ଜୁନ ମୁର୍ମୁ । ଏ ନେଇ ଘୁଟିଡୁବାଠାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ କହିଛନ୍ତି, ବାରିପଦାରେ ମହାରଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଶିକ୍ଷାକ୍ଷେତ୍ରରେ ବିକାଶ ନେଇ ଏକ ମାଇଲଖୁଣ୍ଟ ହୋଇଛି । ଏହାଦ୍ୱାରା ମୟୂରଭଞ୍ଜ ଜିଲ୍ଲାର ଆର୍ଥିକ ଅନଗ୍ରସର ଛାତ୍ରଛାତ୍ରୀ ସ୍ୱଳ୍ପ ଖର୍ଚ୍ଚରେ ଅଧ୍ୟୟନ କରିପାରୁଛନ୍ତି । ତେବେ ମୟୂରଭଞ୍ଜ ଆୟତନ ଦୃଷ୍ଟିରୁ ଓଡ଼ିଶାର ସର୍ବବୃହତ ଜିଲ୍ଲା । ଲୋକସଂଖ୍ୟା ଦୃଷ୍ଟିରୁ ରାଜ୍ୟର ତୃତୀୟ ବୃହତ୍ତମ ଜିଲ୍ଲା ହୋଇଥିଲେ ହେଁ ଦ୍ୱିତୀୟ ବୃହତ୍ତମ ଜିଲ୍ଲା କଟକଠାରୁ ଏହାର ଲୋକସଂଖ୍ୟା ୨୦୧୧ରେ ମାତ୍ର ୧୧ ଲକ୍ଷ କମ ଥିଲା । ଫଳରେ ବିଧାୟକ ସଂଖ୍ୟା (୯) ଦୃଷ୍ଟିରୁ କଟକ ସହ ଏହାର ସ୍ଥାନ ଦ୍ୱିତୀୟ । ସବୁଠାରୁ ବେଶୀ ସଂଖ୍ୟକ ସିଟ ପାଇଁ ବହୁ ଗରିବ ମେଧାବୀ ଛାତ୍ରଛାତ୍ରୀ ଏଠାରେ ଅଧ୍ୟୟନରୁ ବଞ୍ଚିତ ହେଉଛନ୍ତି ।



ଆହୁରି ମଧ୍ୟ ମହାରଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର କିଛି ବିଭାଗକୁ ମହାରଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟକୁ ସ୍ଥାନାନ୍ତରିତ କରାଯାଇଛି । ତେଣୁ ଜିଲ୍ଲାର ମେଧାବୀ ପିଲାଙ୍କୁ ଉଚ୍ଚଶିକ୍ଷାର ସୁଯୋଗ ଦେବାକୁ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଉନ୍ନୀତ କରାଯିବା ଆବଶ୍ୟକ । ଭବାନୀପାଟଣା ମହାବିଦ୍ୟାଳୟ ୧୯୬୦, ରମାଦେବୀ ମହିଳା ମହାବିଦ୍ୟାଳୟ ୧୯୬୪ ଓ ବଲାଙ୍ଗୀରର ରାଜେନ୍ଦ୍ର ମହାବିଦ୍ୟାଳୟ ୧୯୪୪ରେ ପ୍ରତିଷ୍ଠା ହୋଇଥିଲେ ହେଁ ଏସବୁ ଶିକ୍ଷାନୁଷ୍ଠାନ ବିଶ୍ୱବିଦ୍ୟାଳୟକୁ ଉନ୍ନୀତ ହୋଇଛନ୍ତି । ୧୯୪୭ରେ ଏମ୍‌ପିସି କଲେଜ ପ୍ରତିଷ୍ଠା ହୋଇଥିଲା । ଇତିମଧ୍ୟରେ ୭୫ ବର୍ଷ ବିତିଲାଣି । ସେହିପରି ସମ୍ବଲପୁରରେ ପୂର୍ବରୁ ଏକ ବିଶ୍ୱବିଦ୍ୟାଳୟ ଥିବାବେଳେ ସେଠାରେ ଥିବା ଗଙ୍ଗାଧର ମେହେର ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟକୁ ଉନ୍ନୀତ କରାଯାଇଛି । ବ୍ରହ୍ମପୁରରେ ମଧ୍ୟ ପୂର୍ବରୁ ଏକ ବିଶ୍ୱବିଦ୍ୟାଳୟ ଥିବାବେଳେ ଖଲ୍ଲିକୋଟ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦିଆଯାଇଛି । ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟ ତକତପୁରକୁ ସ୍ଥାନାନ୍ତରିତ ହୋଇଥିବାବେଳେ ସେଠାରେ ଯଥେଷ୍ଟ ଶ୍ରେଣୀଗୃହ ରହିଛି । ତେଣୁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ମୟୂରଭଞ୍ଜବାସୀଙ୍କ ବୃହତ୍ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମାରିସାର ଦୀର୍ଘଦିନର ଦାବି ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ନିବେଦନ କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ଅନାଗ୍ରହ କାରଣରୁ ଭବିଷ୍ୟତରେ ଯଦି ମାରିସାର ଦାବି ପ୍ରତି ଅବହେଳା ହୁଏ, ତେବେ ମାରିସା ମୟୂରଭଞ୍ଜର ସାଧାରଣ ଜନତାଙ୍କ ବହୁବିଧ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ମାରିସା ରାଜ୍ୟ ସଭାପତି ଅର୍ଜ୍ଜୁନ ମୁର୍ମୁ ସୂଚନା ଦେଇଛନ୍ତି ।

## ବିରେନ୍ ବିଧବା ଭତ୍ତା ପାଇବାରୁ ବଞ୍ଚିତ

**ଶରତ,୧୮ ।୬(ସମିସ):** ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି ବିରେନ ଖୁଣ୍ଟିଆ ନାମକ ଜଣେ ବିଧବା ମହିଳା । ମୟୂରଭଞ୍ଜ କପ୍ତିପଦା ବ୍ଲକ୍ ଅନ୍ତର୍ଗତ ମଝିଗୋଡିଆ ଗ୍ରାମ ପଞ୍ଚାୟତର ମହୁଲପଙ୍ଗା ରାଜସ୍ୱ ଗ୍ରାମ ଅନ୍ତର୍ଗତ ୮ ନମ୍ବର ୱାର୍ଡର ବିରେନ ଖୁଣ୍ଟିଆଙ୍କ ସ୍ୱାମୀ ତୁରାମ ଖୁଣ୍ଟିଆ ଦୁଇବର୍ଷ ପୂର୍ବେ ଗଛରୁ ପଡ଼ି ମୃତ୍ୟୁବରଣ କରିଥିଲେ । ତାଙ୍କ ମୃତ୍ୟୁ ପରେ ତାଙ୍କ ପରିବାରରେ ବିରେନଙ୍କୁ ମିଶାଇ ଚାରିଜଣ ଅଛନ୍ତି । ଏହି ଅସହାୟ ପରିବାର ଖାଦ୍ୟ ସୁରକ୍ଷା ଆଇନ-୨୦୧୪ ଅନୁଯାୟୀ ରାସନ କାର୍ଡ ପାଇବାରୁ ବଞ୍ଚିତ ହୋଇଥିବାରୁ ସେମାନେ ଅନେକ ସମୟରେ ଭୋକ ଉପାସରେ ରହୁଥିବା ଦେଖିବାକୁ ମିଳିଛି । ବାର୍ଦ୍ଧକ୍ୟ ଭତ୍ତା ନିମନ୍ତେ ଅନେକଥର ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ନିକଟରେ ଗୁହାରି କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନ ଥିବା ଗଣମାଧ୍ୟମ ନିକଟରେ ଅଭିଯୋଗ କରିଛନ୍ତି । ଶାଳ ପତ୍ରରେ ଖୋଲି ତିଆରି କରି ତାକୁ ବିକ୍ରି କଲେ ହିଁ ଘରର ଚୁଲି ଜଳେ । ଏପରି ପରିସ୍ଥିତିରେ ଚାରିଜଣ ପିଲାଙ୍କ ସହ ଏକ ଭଙ୍ଗା କୁଡ଼ିଆରେ ଅତ୍ୟନ୍ତ ଦୟନୀୟ ଭାବେ ବିରେନଙ୍କ ପରିବାର ବାସ କରନ୍ତି । ତେଣୁ ତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରି ଏକ ପକ୍କା ଘର ଯୋଗାଇ ଦେବା ନିମନ୍ତେ ଗ୍ରାମର ବେଲମଣି ତିୟୁ, ସେବତୀ ବାଲମୁଚୁ, ନବୀନ ମୁଣ୍ଡରୀ ପ୍ରମୁଖ ଜିଲ୍ଲା ପ୍ରଶାସନ ନିକଟରେ ନିବେଦନ କରିଛନ୍ତି ।



## ଦେଶୀମଦ ଜବତ, ୨ ମହିଳା ଗିରଫ

**ଉଦଲା,୧୮ ।୬(ସମିସ):** ଉଦଲା ଅବକାରୀ ବିଭାଗ ପକ୍ଷରୁ ଅଚାନକ ଚଢ଼ଉ କରାଯାଇ ଚୋରା ଦେଶୀମଦ ବିକ୍ରି କରୁଥିବା ୨ ଜଣ ମହିଳାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ମୟୂରଭଞ୍ଜ ଜିଲ୍ଲା ଅବକାରୀ ସୁପରିଟେଣ୍ଡେଣ୍ଟ ପ୍ରଶାନ୍ତ କୁମାର କୁଅାଁରଙ୍କ ନିର୍ଦ୍ଦେଶରେ ଉଦଲା ଅବକାରୀ ବିଭାଗର କାର୍ଯ୍ୟରତ ଓଆଇସି ପ୍ରଦୀପ କୁମାର ବେହେରା, ଏଏସଆଇ ରବୀନ୍ଦ୍ର କୁମାର ରେଙ୍ଗା ନିଜର କାର୍ଯ୍ୟରତ କନଷ୍ଟେବଲ ଦିୟାସୁ ପଣ୍ଡା, ସୁମନ୍ତ ମହାନ୍ତ, ମହିଳା କନଷ୍ଟେବଲ ଦୀପାଞ୍ଜଳି ଦାସଙ୍କୁ ନେଇ କପ୍ତିପଦା ବ୍ଲକର ସାନବିଷୋଲ, ବଡ଼ବିଷୋଲ, ସାଗୁଣୀବସା, ଉପରଖୁଣ୍ଟା, ବାଲିପୋଷି ଓ ଲୁହାମାଳିଆ ଗ୍ରାମରେ ଅଚାନକ ଚଢ଼ଉ କରିଥିଲେ । ଚଢ଼ଉରେ ବାଲିପୋଷି ଗ୍ରାମର ନନ୍ଦିନୀ ବେହେରା ଓ ଲୁହାମାଳିଆ ଗ୍ରାମର ଦୀପିକା ବେହେରାଙ୍କୁ ଗିରଫ କରାଯାଇ ଚୋରା ଦେଶୀ ମହୁଲି ମଦ ବିକ୍ରି ଅଭିଯୋଗରେ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି ।

## ଚପଲ ପାଇଁ ମିଳିଲା ବାପାଙ୍କ ପରିଚୟ

**ଉଦଲା,୧୮ ।୬(ସମିସ):** ଅଢେଇ ବର୍ଷ ତଳୁ ନିଖୋଜ ହୋଇଯାଇଥିଲେ ବାପା । ହଠାତ ଅଢେଇ ବର୍ଷ ପରେ ବାପାଙ୍କୁ ଖୋଜି ଖୋଜି ଆସି ଥାନାରେ ପହଞ୍ଚିଛନ୍ତି ପୁଅ ଓ ପୁଲିସ ଜବତ କରିଥିବା ଅଲଗା ଅଲଗା ଚପଲକୁ ଦେଖି ଅଢେଇ ବର୍ଷ ତଳୁ ମିଳିଥିବା ମୃତଦେହକୁ ନିଜ ବାପାର ମୃତଦେହ ବୋଲି କହିଛନ୍ତି ପୁଅ । ଏଭଳି ଘଟଣା ଘଟିଛି ଉଦଲା ଥାନାରେ । ୨୦୨୩ ନଭେମ୍ବର ୮ ତାରିଖରେ ଉଦଲା ଥାନା ବହୁବନ୍ଧ ସୁରେଇସାହି କାଜୁ ଜଙ୍ଗଲ ଭିତରେ ଥିବା ଏକ କୂଅରୁ ଗଳିତ ମୃତଦେହ ଉଦ୍ଧାର ହୋଇଥିଲା । ମୃତଦେହକୁ କୂଅରୁ ବାହାରକୁ ଆଣିବା ପରେ ଯୋଜନାବଦ୍ଧ ଭାବେ ତାଙ୍କୁ ହତ୍ୟା କରାଯାଇଥିବା ପୁଲିସ ସ୍ପଷ୍ଟ କରିଥିଲା । କାହିଁକି ନା ମୃତଦେହର ହାତ ଓ ଗୋଡ଼କୁ ଦୌଡ଼ିରେ ବନ୍ଧାଯାଇଥିବାବେଳେ ଦୁଇଟି ବୋରା ଭିତରେ ମୃତଦେହକୁ ପୂରାଇ ଦିଆଯାଇଥିଲା । ଉକ୍ତ ବୋରାରେ ୫ଟି ବଡ଼ ପଥର ବାନ୍ଧି କୂଅ ଭିତରକୁ ଫୋପାଡ଼ି ଦିଆଯାଇଥିଲା । ଯାହା କୂଅରୁ ମୃତଦେହ ଉଦ୍ଧାର ହେବା ପରେ ସ୍ପଷ୍ଟ ହୋଇଥିଲା । ପୁଲିସ ଘଟଣାସ୍ଥଳରୁ ଦୁଇଟି ଅଲଗା ଅଲଗା ଚପଲ ମଧ୍ୟ ଜବତ କରିଥିଲା । ସେହି ମୃତଦେହର ପରିଚୟ ଖୋଜି ଖୋଜି ପୁଲିସ ନୟାନ୍ତ ହୋଇଥିବାବେଳେ ଘଟଣା କ୍ରାଇମବ୍ରାଞ୍ଚ ହାତକୁ ଯାଇଥିଲା । ତେବେ ଅଚାନକ ଅଢେଇ ବର୍ଷ ପରେ ଉଦଲା ଥାନା ଶୁଖୁଆସାହି ଗ୍ରାମର ବିଶ୍ୱନାଥ ସିଂ ତାଙ୍କ ନିଖୋଜ ବାପାଙ୍କୁ ଖୋଜି ଖୋଜି ଥାନାରେ ପହଞ୍ଚିବା ପରେ ପୁଲିସ ତାଙ୍କୁ ସନ୍ଦେହରେ ଉକ୍ତ ଘଟଣାର ଜବତ ଚପଲ ଦେଖାଇଥିଲା । ଯାହା ଦେଖିବା ପରେ ତାହା ତାଙ୍କ ବାପା ଦୁବରାଜ ସିଂଙ୍କର ବୋଲି ଦାବି କରିଥିଲେ ବିଶ୍ୱନାଥ । ଏପରିକି ତାଙ୍କ ବାପାଙ୍କୁ ଗୁଣିଗାରେଡି ସନ୍ଦେହରେ ହତ୍ୟା କରିଥିବେ ବୋଲି ସେ ପୁଲିସ ଆଗରେ କହିଛନ୍ତି । ଯାହା ଜଣାପଡ଼ିବା ପରେ କ୍ରାଇମବ୍ରାଞ୍ଚର ୪ ଜଣିଆ ଟିମ ଉଦଲାରେ ପହଞ୍ଚି ବିଶ୍ୱନାଥଙ୍କ ରକ୍ତ ନମୁନା ସଂଗ୍ରହ କରିବା ସହିତ ଉକ୍ତ ମୃତଦେହ ତାଙ୍କ ବାପାଙ୍କର କି ନୁହେଁ ତାହାର ଖୋଳତାଡ଼ କରୁଛି ।




## ବିଦ୍ୟୁତ୍ ବିଭ୍ରାଟକୁ ନେଇ ଅସନ୍ତୋଷ

# ଠାକୁରମୁଣ୍ଡା ବିଦ୍ୟୁତ୍ କାର୍ଯ୍ୟାଳୟ ଘେରିଲେ ୩ ପଞ୍ଚାୟତବାସୀ

**ମହୁଲଡିହା/ଠାକୁରମୁଣ୍ଡା,୧୮ ।୬ (ସମିସ):** ମୟୂରଭଞ୍ଜ-କେନ୍ଦୁଝର ଜିଲ୍ଲା ସୀମାନ୍ତ ଠାକୁରମୁଣ୍ଡା ବ୍ଲକ୍ ନିକଟବର୍ତ୍ତୀ ଆନନ୍ଦପୁର ବ୍ଲକ ଅନ୍ତର୍ଗତ ମନୋହରପୁର, ପଣସଡ଼ିହା, ଗୟଳମୁଣ୍ଡା ଆଦି ୩ଟି ପଞ୍ଚାୟତରେ ବାରମ୍ବାର ବିଦ୍ୟୁତ୍ କାଟ ଯୋଗୁଁ ଉପଭୋକ୍ତା ଅତିଷ୍ଠ ହୋଇ ଗୁରୁବାର ଦିନ ଠାକୁରମୁଣ୍ଡା ବିଦ୍ୟୁତ କାର୍ଯ୍ୟାଳୟକୁ ଘେରଉ କରିଥିଲେ । ନିର୍ବାହୀ ଯନ୍ତ୍ରୀଙ୍କୁ କନିଷ୍ଠ ଯନ୍ତ୍ରୀଙ୍କ ମାଧ୍ୟମରେ ବିଦ୍ୟୁତ ସମସ୍ୟା ସମ୍ବଳିତ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି । ଆଗାମୀ ୧ ମାସ ମଧ୍ୟରେ ବିଦ୍ୟୁତ୍ ସମସ୍ୟାର ସମାଧାନ କରିବାକୁ ଦାବି କରାଯାଇଛି । ନିର୍ଦ୍ଧାରିତ ସମୟ ମଧ୍ୟରେ ଦାବି ପୂରଣ ନ ହେଲେ ଜନଅସନ୍ତୋଷ ତୀବ୍ର ହେବ ବୋଲି ଚେତାବନୀ ଦେଇଛନ୍ତି ।



ସୀମାନ୍ତର ଏହି ୩ଟି ପଞ୍ଚାୟତର ଗ୍ରାମଗୁଡିକୁ ଠାକୁରମୁଣ୍ଡା ବିଦ୍ୟୁତ୍ କାର୍ଯ୍ୟାଳୟ (ଟିପିଏନଓଡି ଏଲ) ଅଧୀନରେ ବିଦ୍ୟୁତ ଯୋଗାଇ ଦିଆଯାଇଛି । ସାମାନ୍ୟ ପବନ ଓ ବିଜୁଳି ମାରିଲେ ୨/୩ ଦିନ ଧରି ଲୋକେ ଅନ୍ଧାରରେ ରହୁଛନ୍ତି । ଫଳରେ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟର କମ୍ପ୍ୟୁଟର କାମ ବନ୍ଦ ହୋଇଯାଇଥାଏ । ଜନସେବା କେନ୍ଦ୍ର, ବ୍ୟାଙ୍କ, ପୋଷ୍ଟ ଅଫିସ ଆଦି ଗୁରୁତ୍ୱପୂର୍ଣ୍ଣ ସେବା ମିଳିପାରୁନାହିଁ । ଫଳରେ ଲୋକେ ବିଭିନ୍ନ ବୈଦ୍ୟୁତିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସବୁଠୁ ଅଧିକ ସମସ୍ୟା ହେଉଛି ମୋଟର ଚାଲି ନ ପାରିବାରୁ ଲୋକେ ପାଣି ପାଉନାହାନ୍ତି । ୩ଟି ପଞ୍ଚାୟତର ବିଦ୍ୟୁତ ଲାଇନ ପାଇଁ କେବଳ ଗୟଳମୁଣ୍ଡାଠାରେ ବ୍ରେକର ଲଗାଯାଇଛି । ଯଦି କେଉଁଠାରେ ବିଦ୍ୟୁତ ସମସ୍ୟା ହୁଏ, ତେବେ ଗୟଳମୁଣ୍ଡାଠାରେ ଲାଗିଥିବା ବ୍ରେକରକୁ ଯାଇ କାଟିବା ପରେ ବିଦ୍ୟୁତ କର୍ମଚାରୀ ମରାମତି କାର୍ଯ୍ୟ କରିଥା'ନ୍ତି । ଫଳରେ ଏଥିପାଇଁ ଅନ୍ୟ ଗ୍ରାମ ବିଦ୍ୟୁତ କାଟ୍‌ର ସମ୍ମୁଖୀନ ହୋଇଥା'ନ୍ତି । ଏଣୁ ଗୟଳମୁଣ୍ଡାର ପୁରୁଣାପାଣିଠାରେ ଥିବା ବ୍ରେକର ଉଠାଇ ସମସ୍ତ ବ୍ରାଞ୍ଚ ଲାଇନରେ ବ୍ରେକର ଲଗାଇବାକୁ ଉପଭୋକ୍ତା ଦାବି କରିଛନ୍ତି । ଏଥିସହିତ ବହୁ ପୁରୁଣା ଖୁଣ୍ଟରୁ ବିଦ୍ୟୁତ ତାର ଝୁଲିପଡ଼ିଛି । ତାହାକୁ ଠିକ କରିବାକୁ ତିନି ପଞ୍ଚାୟତବାସୀ ଦାବି କରିଛନ୍ତି ।

## ମୟୂରଭଞ୍ଜ ଜିଲ୍ଲାରେ ୫ଟି ନିଟ୍ ପରୀକ୍ଷା କେନ୍ଦ୍ରରେ ୨୧୧୨ ପରୀକ୍ଷାର୍ଥୀ

**ବାରିପଦା, ୧୮ ।୬(ସମିସ):** ଆସନ୍ତା ୨୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଯୋଗ୍ୟତା ସହ ପ୍ରବେଶ ପୁନଃ ପରୀକ୍ଷା (ନିଟ-ୟୁଜି ୨୦୨୬) ପାଇଁ ମୟୂରଭଞ୍ଜ ଜିଲ୍ଲାରେ ୫ଟି ପରୀକ୍ଷା କେନ୍ଦ୍ର ନିର୍ଦ୍ଧାରିତ ହୋଇଛି । ଏହି କେନ୍ଦ୍ରରେ ମୋଟ ୨୧୧୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ । ଜିଲ୍ଲା ପ୍ରଶାସନ ଓ ଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ବିବରଣୀ ଅନୁଯାୟୀ ବାରିପଦା ସହରରେ ୪ଟି ଓ ରାଇରଙ୍ଗପୁରରେ ଗୋଟିଏ ପରୀକ୍ଷା କେନ୍ଦ୍ର ହୋଇଛି । ବାରିପଦା ଲକ୍ଷ୍ମୀପୋଷୀସ୍ଥ କେନ୍ଦ୍ରୀୟ ବିଦ୍ୟାଳୟ-୧ ଓ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ୪୮୦ ଜଣ ଲେଖାଏଁ ପରୀକ୍ଷାର୍ଥୀ ପରୀକ୍ଷା ଦେବାର ବ୍ୟବସ୍ଥା ହୋଇଥିବାବେଳେ ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟରେ ୪୬୦ ଜଣ ଓ ଏମ୍‌ପିସି ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ୨୮୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାର ବ୍ୟବସ୍ଥା ହୋଇଛି ।

ସେହିପରି ରାଇରଙ୍ଗପୁର ମହାବିଦ୍ୟାଳୟରେ ୪୦୪ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାର ବ୍ୟବସ୍ଥା ହୋଇଛି । ୨୧ ତାରିଖ ଅପରାହ୍ନ ୨ଟାରୁ ୫ଟା ୧୫ ମିନିଟ ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହେବାକୁ ଥିବାବେଳେ ଜିଲ୍ଲା ମ୍ୟାଜିଷ୍ଟ୍ରେଟ୍ ତଥା ଜିଲ୍ଲାପାଳ ଓ ଅନ୍ୟାନ୍ୟ ଅଧିକାରୀ ପରୀକ୍ଷା କେନ୍ଦ୍ରରେ ସମସ୍ତ ସୁରକ୍ଷା ଓ ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରୁଛନ୍ତି । ପରୀକ୍ଷାର୍ଥୀଙ୍କୁ ସମୟ ପୂର୍ବରୁ ଆସି ଆଇଡେଣ୍ଟିଟି କାର୍ଡ୍ ଓ ଆଦୃତ ପ୍ରବେଶ ପତ୍ର ଯାଞ୍ଚ କରାଇ ନେବା ପାଇଁ ଅନୁରୋଧ କରାଯାଇଛି । ପରୀକ୍ଷା ସମୟରେ କୌଣସି ପ୍ରକାରର ଅନିୟମିତତା ରୋକିବା ପାଇଁ ପୁଲିସ୍ ଓ ପ୍ରଶାସନିକ ଟିମ୍ ମୁତୟନ କରାଯିବ । ପରୀକ୍ଷାର୍ଥୀ ଓ ଅଭିଭାବକଙ୍କୁ ଶାନ୍ତିପୂର୍ଣ୍ଣ ଓ ସହଯୋଗୀ ଭାବେ ସହଯୋଗ କରିବାକୁ ଜିଲ୍ଲା ପ୍ରଶାସନ ଅନୁରୋଧ କରିଛି । ଏହି ନିଟ୍ ପରୀକ୍ଷା ମାଧ୍ୟମରେ ମେଡିକାଲ୍, ଡେଣ୍ଟାଲ୍ ଓ ଅନ୍ୟାନ୍ୟ ପେଶାଗତ ପାଠ୍ୟକ୍ରମରେ ପ୍ରବେଶ ପାଇଁ ଛାତ୍ରଛାତ୍ରୀ ପ୍ରସ୍ତୁତ ହେଉଛନ୍ତି । ସଫଳତା ପାଇଁ ସମସ୍ତଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି । ଗତ ମେ ମାସ ୩ ତାରିଖରେ ଅନୁଷ୍ଠିତ ଏହି ପରୀକ୍ଷାର ପ୍ରଶ୍ନ ପତ୍ର ପ୍ରଘଟ ପାଇଁ ଜାତୀୟ ପରୀକ୍ଷଣ ସଂସ୍ଥା (ଏନଟିଏ) ପରୀକ୍ଷା ବାତିଲ କରିଥିଲା ।

## ଟ୍ରାକ୍ଟର ତଳେ ଚାପି ହୋଇ ଡ୍ରାଇଭର ମୃତ

**ବଡ଼ସାହି,୧୮ ।୬(ସମିସ):** ଯୋଗିନୂଆଗାଁ ପଞ୍ଚାୟତର ବର୍ତ୍ତନା କୁଦୁମ ଗଛ ନିକଟରେ ବାଲି ପକାଇ ଫେରୁଥିବା ଏକ ଟ୍ରାକ୍ଟର ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ଡ୍ରାଇଭର ଚାପି ମୃତ୍ୟୁବରଣ କରିଛନ୍ତି । ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ମୃତ ଡ୍ରାଇଭର ଜଣକ କଇଁଫୁଲିଆ ଗ୍ରାମର ଚନିଆ ସିଂଙ୍କ ପୁଅ ହୁଡିଙ୍ଗ ଓରଫ ଜିତେନ୍ଦ୍ର ସିଂ । ଜଣେ ଶ୍ରମିକ ଅଳ୍ପକେ ବର୍ତ୍ତିଯାଇଥିବା ଜଣାଯାଇଛି । ଖବରପାଇ ବଡ଼ସାହି ପୁଲିସ ପହଞ୍ଚି ମାମଲା ରୁଜୁ କରି ମୃତଦେହ ଜବତ ପୂର୍ବକ ଶବ ବ୍ୟବଚ୍ଛେଦ ପାଇଁ ବାରିପଦା ଜିଲ୍ଲାମୁଖ୍ୟ ଡାକ୍ତରଖାନାକୁ ପଠାଇ ତଦନ୍ତ ଜାରି ରଖିଥିବାବେଳେ ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟରକୁ ଜବତ କରାଯାଇଛି ।

## ପ୍ରଦେଶ କଂଗ୍ରେସ କମିଟିର ସାମ୍ବାଦିକ ସମ୍ମିଳନୀ

# ଲୋକଙ୍କ ଆଶା ପୂରଣ କରିବାରେ ଡବଲଇଞ୍ଜିନ ସରକାର ବିଫଳ

**ରାଇରଙ୍ଗପୁର,୧୮ ।୬(ସମିସ)**

ବାମନଘାଟୀ ଉପଖଣ୍ଡ ପଶ୍ଚିମ ମୟୂରଭଞ୍ଜ ରାଇରଙ୍ଗପୁର କଂଗ୍ରେସ କମିଟି ଆନୁକୂଲ୍ୟରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସାମ୍ବାଦିକ ସମ୍ମିଳନୀ ସ୍ଥାନୀୟ ବଡ଼ମହୁଲଡିହା ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭାରତୀୟ ଜନତା ପାର୍ଟିର ୨ ବର୍ଷ ପୂର୍ତ୍ତି ପାଳନ ଅବସରରେ ଡବଲଇଞ୍ଜିନ ସରକାର ଆସିବା ପରେ ଲୋକଙ୍କ ପାଇଁ କ'ଣ କରିଛି, କ'ଣ ଦେଇଛି ଓ ଆଗକୁ କ'ଣ ଦେବାର ଅଭିପ୍ରାୟ ରଖିଛି, ତାହାର ବିସ୍ତୃତ ଆଲୋଚନା ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ କମିଟି ସଭାପତି ଭୂବନ ବିହାରୀ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଯାଇଛି ।

ଉକ୍ତ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟି ଉପସଭାପତି ଦେବାଶିଷ ପଟ୍ଟନାୟକ, ପୂର୍ବତନ କେନ୍ଦୁଝର ସାଂସଦ ଶକୁନ୍ତଳା ଲାଗୁରୀ, ରାଜ୍ୟ ମୁଖପାତ୍ର ଜୟଶ୍ରୀ ପାତ୍ର, ରାଜ୍ୟ ସମ୍ପାଦକ ଲକ୍ଷ୍ମୀଧର ସିଂ, ପୂର୍ବତନ ବିଧାୟକ ଲକ୍ଷ୍ମଣ ମାଝୀ, ପ୍ରହଲ୍ଲାଦ ପୂର୍ତ୍ତି, ଜିଲ୍ଲା କୋଷାଧ୍ୟକ୍ଷ ଜାକିର ହୁସେନ, ଜିଲ୍ଲା କାର୍ଯ୍ୟାଳୟ ସମ୍ପାଦକ ରୂପକ କୁମାର ମହାନ୍ତି, ରାଇରଙ୍ଗପୁର ମ୍ୟୁନିସିପାଲିଟି ସଭାପତି ଅମର ପ୍ରଧାନ, ଦେଓ ହେମ୍ବ୍ରମ, କୃଷକ ସେଲ ଜିଲ୍ଲା ସଭାପତି କିଶୋର ମହାନ୍ତ, ନିର୍ବାଚନମଣ୍ଡଳୀ ଯୁବ ସଭାପତି ପିଥ ମୁର୍ମୁ, ରାଇରଙ୍ଗପୁର ବ୍ଲକ୍ ସଭାପତି ସିମାଲ ମାଝୀ, ତିରିଙ୍ଗ ବ୍ଲକ ସଭାପତି ଭାଗୀରଥି ପାତ୍ର ଓ ବହଳଦା ବ୍ଲକ ଉପସଭାପତି ଅଭିନବ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଲୋକଙ୍କ ଆଶା ପୂରଣ କରିବାରେ ଡବଲ ବିଫଳ କରିଛି ଡବଲ ଇଞ୍ଜିନ ସରକାର । ଦେଶର ଗଣତନ୍ତ୍ର ଓ ଦେଶବାସୀଙ୍କ ସୁରକ୍ଷା ବିପନ୍ନ କରିଛି । ଆଦିବାସୀ ରାଷ୍ଟ୍ରପତି ଓ ଆଦିବାସୀ ମୁଖ୍ୟମନ୍ତ୍ରୀ ଥାଇ ଓଡିଶାର ଆଦିବାସୀ ଆଜି ପ୍ରତାଡିତ ହେଉଛନ୍ତି । ମୋଦୀଙ୍କ ଗ୍ୟାରେଣ୍ଟି ନାମରେ ଭୋଟରଙ୍କୁ ବିଭିନ୍ନ ସ୍ୱପ୍ନ ଦେଖାଇ ଓ ଭୋଟ ଚେରି କରି ସରକାରକୁ ଆସିଥିବା ବିଜେପି ଓ ତା'ର ସହଯୋଗୀ ଦଳମାନେ ଲୋକଙ୍କ ଆଶା ପୂରଣ କରିବାରେ ସମର୍ଥ ହୋଇନାହାଁନ୍ତି । ଦେଶର ଛାତ୍ରଛାତ୍ରୀ ଓ ଯୁବକଙ୍କ ପ୍ରତି ଧୋକା ଦେଇ ଚାଲିଛନ୍ତି କେନ୍ଦ୍ର ସରକାର । ନିଯୁକ୍ତିର ଘୋର ଅଭାବ ଦେଖାଦେଇଛି । ବେକାରୀ ହାର ସର୍ବକାଳୀନ ବୃଦ୍ଧି ଘଟିଛି । ନିଟ୍ ପେପର ଲିକ୍ ନେଇ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ଓ ଅଭିଭାବକ ମାନସିକ ଦୁଃଚିନ୍ତାରେ ଅଛନ୍ତି । ଓଡ଼ିଶାରେ ବିଜେପି ସରକାର ସୁଭଦ୍ରା ଯୋଜନାରେ ସମସ୍ତ ମହିଳାଙ୍କୁ ଦୁଇବର୍ଷରେ ୫୦ ହଜାର ଦେବାର ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦେଇ ଏବେ ୫ ବର୍ଷରେ ୫୦ ହଜାର ଦେଉଛି । ପୁଣି ସେଥିରେ ବିଭିନ୍ନ କଟକଣା କରି ଲକ୍ଷ ଲକ୍ଷ ମହିଳାଙ୍କୁ ଏଥିରୁ ବାଦ କରିଛନ୍ତି ।




ଧାନ କିଣା ଓ ମଣ୍ଡିରେ ଅବ୍ୟବସ୍ଥା ପ୍ରତ୍ୟେକ ଚାଷୀ ଭୋଗି ସାରିଛନ୍ତି । ଦୁଇ ମାସ ହେଲା ଭତ୍ତା ଦେଇନାହାଁନ୍ତି ଓଡ଼ିଶା ସରକାର । ମୋଦୀ ଆସିଲେ ୩୦୦ ୟୁନିଟ ବିଜୁଳି ମାଗଣା ଦେବାର ବାହାସ୍ଫୋଟ ମାରିଥିଲା । ନିର୍ବାଚନ କମିଶନ, ସିବିଆଇ, ଇଡି, ସିଏଜି ଭଳି ଦେଶର ସର୍ବୋଚ୍ଚ ସାମ୍ବିଧାନିକ ଅନୁଷ୍ଠାନରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବିଚାରଧାର ଲୋକଙ୍କୁ ଅବସ୍ଥାପିତ କରି ଏହାକୁ ବିରୋଧୀ ଦମନ ପାଇଁ ବ୍ୟବହାର କରାଯାଉଛି । ଓଡ଼ିଶା ଜନସଂଖ୍ୟାର ପାଖାପାଖି ୨୫ ପ୍ରତିଶତ ଆଦିବାସୀ ଅଛନ୍ତି । ଡବଲ ଇଞ୍ଜିନ ସରକାରଙ୍କ ବଡ ପୁଞ୍ଜିବାଦୀ ଓ କମ୍ପାନୀଙ୍କ ପ୍ରତି ଅହେତୁକ ଅନୁକମ୍ପା ଯୋଗୁଁ ଆଦିବାସୀଙ୍କୁ ବଳପୂର୍ବକ, ପ୍ରଚଳିତ ଆଇନର ଉଲ୍ଲଙ୍ଘନ କରି ବିସ୍ଥାପିତ କରାଯାଉଛି । ଆଦିବାସୀମାନେ ଜନଗଣନାରେ ନିଜର ସ୍ୱତନ୍ତ୍ର ଓ ସ୍ୱାଧୀନ ଧାର୍ମିକ ପରିଚୟ ପାଇଁ ସାରା ଭାରତ ବର୍ଷରେ ଆନ୍ଦୋଳନ କରୁଥିବାବେଳେ ଦାବି ପୂରଣ ତ ଦୂରର କଥା, ବନବାସୀ କହି ଅପମାନିତ କରିଛନ୍ତି ବିଜେପିର ବରିଷ୍ଠ ନେତା ଅମିତ ଶାହା । ଡିଜେଲ, ପେଟ୍ରୋଲ ଆଦିର ଦରଦାମ ବୃଦ୍ଧି ରୋକିବାରେ ଏ ସରକାର ବିଫଳ ହୋଇଛନ୍ତି । ଏହାକୁ ସାଧାରଣ ଲୋକଙ୍କୁ ଉପଲବ୍ଧି କରାଇବାରେ ମଧ୍ୟ ଅସଫଳ ହୋଇଛନ୍ତି । ଏହି ୨ ବର୍ଷ ବିଜେପି ସରକାରୀ ନାରୀଙ୍କୁ ସମ୍ମାନ ଦେବା ତ ଦୂରର କଥା, ଏହି ୨୪ ମାସରେ ୨୪ଟି ଦୁଷ୍କର୍ମ ଦେଖାଗଲାଣି । ନାରୀ ନିର୍ଯାତନା ଦୈନିକ ବଢିବାରେ ଲାଗିଛି । ଏଭଳି ବିଜେପି ସରକାର ସଂପର୍କରେ ବିସ୍ତୃତ ପର୍ଯ୍ୟାଲୋଚନା କରିଥିଲେ । ୨ ବର୍ଷର ଉତ୍ସବ ପାଳନ ନିହାତି ଲଜ୍ଜାର ବିଷୟ ବୋଲି କୁହାଯାଇଛି ।

# ଘଡ଼ଘଡ଼ି ଓ ଝଡ଼ପବନରେ ଭାଙ୍ଗିଲା ୩ ଘର, ଜଳିଗଲା ୧୦୦ ବର୍ଷର ଗଛ

ଚମ୍ପୁଆ, ୧୮।୬(ସମିସ)





ଚମ୍ପୁଆ ଅଞ୍ଚଳରେ ବଜ୍ରପାତ, ଘଡ଼ଘଡ଼ି ସହ ପ୍ରବଳ ପବନ ଓ ବର୍ଷା ହେବାରୁ ଅନେକ ସ୍ଥାନରେ କ୍ଷୟକ୍ଷତି ଘଟିଛି। ବିଶେଷ କରି ଚମ୍ପୁଆ ବ୍ଲକ କାଟୁଲିକନା ଗ୍ରାମର ଜଳଧର ମହାନ୍ତ, ସରୋଜ ମହାନ୍ତ ଓ ସନ୍ତୋଷ ମହାନ୍ତଙ୍କ ଘର ଉପରେ ପ୍ରବଳ ପବନର ପ୍ରଭାବ ପଡ଼ିଥିବାରୁ ଘରର ଆଜବେଷ୍ଟସ, ଖପର ଉଡ଼ିଯିବା ସହ ଘରର କାନ୍ଥ ଓ ଛପର ବ୍ୟାପକ କ୍ଷତି ଘଟିଛି। ପ୍ରବଳ ପବନରେ ଖପର ଓ ଆଜବେଷ୍ଟସ୍ ସିଟ୍ ଭାଙ୍ଗି ଘର ଉପରେ ପଡ଼ିଥିବା ବେଳେ ଘରର ବହୁ ସାମଗ୍ରୀ ନଷ୍ଟ ହୋଇଯାଇଛି। ଭାଗ୍ୟବଶତଃ ଏହି ଘଟଣାରେ କୌଣସି ଜୀବନହାନି ଘଟି ନଥିବା ଜଣାପଡ଼ିଛି। କ୍ଷତିଗ୍ରସ୍ତ ପରିବାରଗୁଡ଼ିକ ସରକାରୀ ସହାୟତା ଓ କ୍ଷତିପୂରଣ ପ୍ରଦାନ ପାଇଁ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଘଟଣାସ୍ଥଳ ପରିଦର୍ଶନ କରି କ୍ଷୟକ୍ଷତିର ଆକଳନ କରିବା ସହ ଯଥାଶୀଘ୍ର ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି। ଅନ୍ୟପକ୍ଷରେ, ଚମ୍ପୁଆ ନିକଟସ୍ଥ ପାଞ୍ଚପୋଖରୀଆ ଗାଁରେ ବଜ୍ରପାତ ଯୋଗୁଁ ଏକ ପ୍ରାୟ ୧୦୦ ବର୍ଷ ପୁରୁଣା ବିଶାଳ ଗଛ ଜଳିଯାଇଛି। ବୁଧବାର ସନ୍ଧ୍ୟାରେ ହୋଇଥିବା କାଳବୈଶାଖୀ ବର୍ଷା ସହ ପ୍ରବଳ ବଜ୍ରପାତ ହେବାରୁ ଗଛଟିରେ ନିଆଁ ଲାଗିଯାଇଥିଲା। ସ୍ଥାନୀୟ ଲୋକମାନେ ହଠାତ୍ ଗଛରୁ ଧୂଆଁ ଓ ନିଆଁ ବାହାରୁଥିବା ଦେଖି ଘଟଣାସ୍ଥଳକୁ ଧାଇଁ ଯାଇଥିଲେ। ଗଛଟି ଗାଁର ଏକ ପୁରାତନ ଚିହ୍ନ ଭାବେ ପରିଚିତ ଥିବାବେଳେ ବଜ୍ରପାତରେ ଏହାର ବ୍ୟାପକ କ୍ଷତି ହୋଇଛି। ତେବେ ଏହି ଘଟଣାରେ କୌଣସି ଜନହାନି କିମ୍ବା ଅନ୍ୟ କ୍ଷୟକ୍ଷତି ହୋଇ ନଥିବା ଜଣାପଡ଼ିଛି। ଏହି ଗଛଟି ଦୀର୍ଘ ବର୍ଷ ଧରି ଗାଁର ଐତିହ୍ୟ ଓ ପରିଚୟ ବହନ କରିଆସୁଥିଲା।

## ଚମ୍ପୁଆ ବ୍ୟାଙ୍କ ଅଫ ଇଣ୍ଡିଆରେ ଗ୍ରାହକ ମିଟ୍



ଚମ୍ପୁଆ, ୧୮।୬(ସମିସ): ଚମ୍ପୁଆସ୍ଥିତ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାରେ ଗୁରୁବାର ସନ୍ଧ୍ୟାରେ ଏକ ଗ୍ରାହକ ମିଟ୍ ଅନୁଷ୍ଠିତ ହୋଇଯାଇଛି। ଶାଖା ପ୍ରବନ୍ଧକ ଲିଙ୍ଗରାଜ ବେହେରାଙ୍କ ଉପସ୍ଥିତିରେ ଆୟୋଜିତ ଏହି ବୈଠକରେ ବହୁ ଗ୍ରାହକ ବ୍ୟାଙ୍କ ସେବା ସମ୍ପର୍କିତ ବିଭିନ୍ନ ସମସ୍ୟା ଓ ପରାମର୍ଶ ରଖିଥିଲେ। ଗ୍ରାହକ ତରୁଣ ସାହୁ, ବାବୁଲା ଚାୱଡ଼ା, ବିନ୍ଦା ରାମ, ସୁବାସ ରାମ, ନିରଞ୍ଜନ ବେହେରା, ମହେଶ୍ୱର ଦାସ ଓ ସଞ୍ଜୀବ ରାଜ ବ୍ୟାଙ୍କରେ କର୍ମଚାରୀ ସଂଖ୍ୟା ବୃଦ୍ଧି, ଖୁଚୁରା ଟଙ୍କାର ଉପଲବ୍ଧତା, ହେଲ୍ପ ଡେସ୍କ ବ୍ୟବସ୍ଥା, ଡିପୋଜିଟ୍ ମେସିନ୍ ସ୍ଥାପନ, ଏକ୍ସଟେନ୍ସନ୍ କାଉଣ୍ଟର ଖୋଲିବା ଏବଂ ନୂତନ ଗ୍ରାହକ ସୃଷ୍ଟି ପାଇଁ ସଚେତନତା କାର୍ଯ୍ୟକ୍ରମ ଆଦି ପ୍ରସଙ୍ଗ ଉଠାଇଥିଲେ। ବିଶେଷ କରି ବୟସ୍କ ଓ ଦିବ୍ୟାଙ୍ଗ ଗ୍ରାହକମାନଙ୍କ ପାଇଁ ସରଳ ଓ ସୁବିଧାଜନକ ବ୍ୟାଙ୍କିଂ ସେବା ପ୍ରଦାନ କରିବାକୁ ଦାବି କରାଯାଇଥିଲା। ଏହି ସମସ୍ତ ଅଭିଯୋଗ ଓ ପରାମର୍ଶକୁ ଗୁରୁତ୍ୱର ସହ ନେଇ ଯଥାସମ୍ଭବ ସମାଧାନ କରାଯିବ ବୋଲି ଶାଖା ପ୍ରବନ୍ଧକ ଲିଙ୍ଗରାଜ ବେହେରା ଆଶ୍ୱାସନ ଦେଇଥିଲେ।

## ନାବାଳିକା ନିଖୋଜ

ଡୁରୁମୁଙ୍ଗା, ୧୮।୬(ସମିସ): କେନ୍ଦୁଝର ଜିଲ୍ଲା ଡୁରୁମୁଙ୍ଗା ଥାନାଞ୍ଚଳରେ ଜଣେ ନାବାଳିକା ନିଖୋଜ ନେଇ ଥାନାରେ ଅଭିଯୋଗ ହୋଇଛି। ନାବାଳିକା ଜଣକ ମଙ୍ଗଳବାର ଘରୁ କୁଆଡେ ଚାଲିଯାଇଛି। ପରିବାର ଲୋକେ ବନ୍ଧୁବାନ୍ଧବ ଘରେ ଖୋଜାଖୋଜି କରିବା ପରେ କୌଣସି ଜାଗାରେ ନ ପାଇବାରୁ ଡୁରୁମୁଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

## ଧରଣୀଧର ବିଶ୍ୱବିଦ୍ୟାଳୟ ଇଗ୍‌ନୋ ଷ୍ଟଡି ସେଣ୍ଟରରେ ନାମଲେଖା ଆରମ୍ଭ

କେନ୍ଦୁଝର, ୧୮।୬ (ସମିସ): ଧରଣୀଧର ବିଶ୍ୱବିଦ୍ୟାଳୟର ଇଗ୍‌ନୋ ଷ୍ଟଡି ସେଣ୍ଟରରେ ବର୍ତ୍ତମାନ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି କେନ୍ଦ୍ର ସଂଯୋଜକ ତଥା ପଦାର୍ଥ ବିଜ୍ଞାନ ବିଭାଗର ସହକାରୀ ପ୍ରାଧ୍ୟାପକ ଡ. କୃଷ୍ଣଚନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ଏହି କେନ୍ଦ୍ରରେ ଡିପ୍ଲୋମା, ସ୍ନାତକ ଏବଂ ସ୍ନାତକୋତ୍ତର ସହ ବିଭିନ୍ନ ପାଠ୍ୟକ୍ରମ ପାଇଁ ନାମଲେଖା ଚାଲିଛି। ଏହି ପ୍ରକ୍ରିୟା ଜୁଲାଇ ଶେଷ ସପ୍ତାହ ପର୍ଯ୍ୟନ୍ତ ଜାରି ରହିବ। ଅଧିକ ସୂଚନା ପାଇଁ ଷ୍ଟଡି ସେଣ୍ଟରର ଫୋନ୍ ନମ୍ବର ୯୮୫୩୮୪୧୫୯୯ରେ ଯୋଗାଯୋଗ କରାଯାଇପାରିବ। ଏଥିସହିତ ରିଜିଓନାଲ ସେଣ୍ଟର କୋଡ୍ ୯୦ ଏବଂ ଷ୍ଟଡି ସେଣ୍ଟର କୋଡ୍ ୨୧୧୨ ଚୟନ କରିବା ପାଇଁ ମଧ୍ୟ ସୂଚନା ଦିଆଯାଇଛି।

## ପାଟଣା ବ୍ଲକ୍‌ସ୍ତରୀୟ କୃଷକ ସମ୍ବାଦ କାର୍ଯ୍ୟକ୍ରମ



ଡୁରୁମୁଙ୍ଗା, ୧୮।୬(ସମିସ): ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓଡ଼ିଶା ସରକାରଙ୍କ ତରଫରୁ ଜୁନ ୧୮ ରୁ ୨୫ ତାରିଖ ପର୍ଯ୍ୟନ୍ତ ବିକାଶର ଧାରା କାର୍ଯ୍ୟକ୍ରମ ସାରା ଓଡ଼ିଶାରେ ଆରମ୍ଭ ହୋଇଛି। ପ୍ରଥମ କାର୍ଯ୍ୟକ୍ରମରେ ବ୍ଲକସ୍ତରୀୟ କୃଷକ ସମ୍ବାଦର ବିଷୟ ପ୍ରାକୃତିକ ଓ ପ୍ରଗତିଶୀଳ କୃଷି ଆଲୋଚନା କର୍ମଶାଳା ଗୁରୁବାର ପାଟଣା ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୃଷି ଅଧିକାରୀଣୀ ବର୍ଷା ବୈଶାଳୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାଟଣା ବ୍ଲକ ଅଧ୍ୟକ୍ଷା ବୀଣାପାଣି ନାୟକ, ସମ୍ମାନୀତ ଅତିଥିଭାବେ ସାଂସଦ ପ୍ରତିନିଧି ପ୍ରହ୍ଲାଦ ପଲେଇ, ବିଧାୟକଙ୍କ ପ୍ରତିନିଧି କମଳାକାନ୍ତ ଦାଶ, ପାଟଣା ବିଡ଼ିଓ ମାନସ କୁମାର ଦଣ୍ଡପାଟ, ବ୍ଲକ ସହକାରୀ ଉଦ୍ୟାନ କୃଷି ଅଧିକାରୀ ତପନ କୁମାର ସେଠୀ, ବ୍ଲକ ସହକାରୀ କୃଷି ଅଧିକାରୀ ଦେବାର୍ଚ୍ଚନ ଦ୍ୱିବେଦୀ, ମୃତ୍ତିକା ସଂରକ୍ଷଣ ସମ୍ପ୍ରସାରଣ ଅଧିକାରୀ ରୋହିତ କୁମାର ନାଏକ, ଏପିକଲ ତଥା ମୁଖ୍ୟ ମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ଜିଲ୍ଲା ସଂଯୋଜକ ପିୟୁସ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଡୁରୁମୁଙ୍ଗାର ସିଂହବାହିନୀ କୃଷି ଉତ୍ପାଦକ ସଂସ୍ଥା, ଖିରେଇଟାଙ୍ଗରୀର ମା ଟାଙ୍ଗରାଣୀ ପାଟ କୃଷି ଉତ୍ପାଦକ ସଂସ୍ଥା ଓ ଶ୍ରୀ ବଳଭଦ୍ର ଏଗ୍ରୀନଟର କର୍ମଚାରୀ ଓ ଅଗ୍ରଣୀ କୃଷକମାନେ ଯୋଗ ଦେଇଥିଲେ। ଡ଼ଲଙ୍ଗ ଗ୍ରାମର ଚାଷୀ ମଞ୍ଜୁଳା ମହାନ୍ତ, ଡୁମୁରିଆ ଜୟମଣୀ ମହାନ୍ତ, ପୁଟୁଗାଁର ହେମବତୀ ମହାନ୍ତ ପ୍ରମୁଖ ସେମାନଙ୍କ ଜୈବିକ କୃଷିର ତଥ୍ୟ ଉପସ୍ଥାପନ କରିଥିଲେ। କୃଷି ଅଧିଦର୍ଶକ ଦୁର୍ଗାଚରଣ ତ୍ରିପାଠୀ, ଦୀପ୍ତିରାଣୀ ମହାନ୍ତ, ଦମୟନ୍ତୀ ମହାନ୍ତ, କୃଷି କର୍ମଚାରୀ ବିରଭଦ୍ର ନାଏକ, ଇନ୍ଦ୍ରଜିତ ପୁହାଣ, ଧରଣୀଧର କିଷାନ, ଦୀପ୍ତିପ୍ରଭା ନାଏକ ଅଭୟ ରାଉତ, ସହିତ ସମସ୍ତ କୃଷି କର୍ମଚାରୀ ଓ ସହକାରୀ ବୈଷୟିକ କର୍ମଚାରୀ ପରିଚାଳନା କରିଥିଲେ।

## ଉଦ୍‌ଘାଟିତ ହେବ ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନା

କେନ୍ଦୁଝର,୧୮।୬(ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଜୁନ୍ ୧୯, ୨୦୨୬ରେ ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନାର ସର୍ବଭାରତୀୟ ଶୁଭାରମ୍ଭ ଅବସରରେ କେନ୍ଦୁଝରଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅଧିକାରୀମାନେ ସୂଚନା ଦେଇଥିଲେ ଯେ ଯୋଜନା ମାଧ୍ୟମରେ ସଂସ୍ଥାଗତ ନିଯୁକ୍ତିକୁ ପ୍ରୋତ୍ସାହିତ କରିବା, ପ୍ରଥମ ଥର ପାଇଁ ନିଯୁକ୍ତି ପାଉଥିବା ଯୁବକଙ୍କୁ ସହାୟତା ଏବଂ ଅଧିକ ନିଯୁକ୍ତି ସୃଷ୍ଟି କରୁଥିବା ନିଯୁକ୍ତିଦାତାଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ଏହି ଯୋଜନା ଅଧୀନରେ, ପ୍ରଥମ ଥର ପାଇଁ ଚାକିରି ପାଉଥିବା ଯୋଗ୍ୟ କର୍ମଚାରୀ ୧୫,୦୦୦ ଟଙ୍କା ପର୍ଯ୍ୟନ୍ତ ପ୍ରୋତ୍ସାହନ ପାଇପାରିବେ ଏବଂ ନିଯୁକ୍ତିଦାତା ପ୍ରତ୍ୟେକ ଅତିରିକ୍ତ କର୍ମଚାରୀଙ୍କ ପାଇଁ ମାସିକ ୩,୦୦୦ ଟଙ୍କା ପର୍ଯ୍ୟନ୍ତ ପ୍ରୋତ୍ସାହନ ପାଇପାରିବେ। ସର୍ବଭାରତୀୟ କାର୍ଯ୍ୟକ୍ରମର ଏକ ଅଂଶବିଶେଷ ଭାବେ, ଇପିଏଫଓ ସହଯୋଗରେ ଯୋଡ଼ାସ୍ଥିତ ଭାଲି କ୍ଲବ୍, ଯୋଡ଼ା ୱେଷ୍ଟ ଟାଉନସିପଠାରେ ଏକ ଆଞ୍ଚଳିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ ମୁଖ୍ୟଅତିଥି, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ ଏବଂ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେବେ। ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲାର ନିଯୁକ୍ତିଦାତା, କର୍ମଚାରୀ ଏବଂ ହିତାଧିକାରୀମାନେ ଅଂଶଗ୍ରହଣ କରିବେ ବୋଲି ଆଶା କରାଯାଉଛି। ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଆୟୋଜିତ ହେବାକୁ ଥିବା ମୁଖ୍ୟ ଜାତୀୟ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର୍ ମାଧ୍ୟମରେ ହିତାଧିକାରୀଙ୍କୁ ପ୍ରାୟ ୨,୦୦୦ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ବଣ୍ଟନ କରିବେ, ଯାହା ସମସ୍ତ ଆଞ୍ଚଳିକ କାର୍ଯ୍ୟକ୍ରମରେ ସିଧାସଳଖ ପ୍ରସାରିତ ହେବ। ୯୯,୪୪୬ କୋଟି ଟଙ୍କା ବ୍ୟୟବରାଦ ଥିବା ଏହି ଯୋଜନା ଦେଶରେ ୩.୫ କୋଟିରୁ ଅଧିକ ନିଯୁକ୍ତି ସୃଷ୍ଟି କରିବା ସହ ସଂସ୍ଥାଗତ ନିଯୁକ୍ତି ଏବଂ ସାମାଜିକ ସୁରକ୍ଷାକୁ ଅଧିକ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି।




## ଚନ୍ଦ୍ରଶେଖର ମହାବିଦ୍ୟାଳୟରେ ୩୫ ଦିନିଆ ଇଣ୍ଟର୍ନସିପ୍ ଉଦ୍‌ଯାପିତ

ଚମ୍ପୁଆ, ୧୮।୬(ସମିସ): ଜାତୀୟ ଶିକ୍ଷାନୀତି–୨୦୨୦ ଅନୁଯାୟୀ ସ୍ନାତକ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀଙ୍କ ପାଇଁ ଆୟୋଜିତ ୩୫ ଦିନିଆ ଗ୍ରୀଷ୍ମ ଅବକାଶ ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମ ଚନ୍ଦ୍ରଶେଖର ମହାବିଦ୍ୟାଳୟରେ ଉଦଯାପିତ ହୋଇଯାଇଛି। ଗତ ୧୫ ମେ ୨୦୨୬ଠାରୁ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଯୋଗଦେଇ ପ୍ରାୟୋଗିକ ଜ୍ଞାନ ଅର୍ଜନ କରିଥିଲେ। ଚମ୍ପୁଆ ବ୍ଲକ ସମନ୍ୱିତ ଶିଶୁ ବିକାଶ ସେବା ଅଧୀନ ବିଭିନ୍ନ ଅଙ୍ଗନବାଡ଼ି କେନ୍ଦ୍ରରେ ଛାତ୍ରଛାତ୍ରୀମାନେ ତଥ୍ୟ ସଂଗ୍ରହ, ରିପୋର୍ଟ ପ୍ରସ୍ତୁତି ଓ ଶିଶୁ ବିକାଶ ଯୋଜନା ସମ୍ପର୍କରେ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଅର୍ଥନୀତି ବିଭାଗର ଛାତ୍ରଛାତ୍ରୀ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଚମ୍ପୁଆ ଶାଖାରେ ଇଣ୍ଟର୍ନସିପ୍ କରି ୟୋନୋ ଆପ୍, ଗ୍ରାହକ ସେବା ଓ ଡିଜିଟାଲ ବ୍ୟାଙ୍କିଙ୍ଗ ସମ୍ପର୍କିତ ବୈଷୟିକ ଜ୍ଞାନ ହାସଲ କରିଥିଲେ। ସେହିପରି ପ୍ରାଣୀବିଜ୍ଞାନ ବିଭାଗର ଛାତ୍ରଛାତ୍ରୀମାନେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଏବଂ ଇଂରାଜୀ ଓ ରସାୟନ ବିଭାଗର ଛାତ୍ରଛାତ୍ରୀମାନେ 'ଅସ୍ମାୟର' ଚମ୍ପୁଆ ଶାଖାରେ ଯୋଗଦେଇ ସାମାଜିକ ଦାୟିତ୍ୱବୋଧ ଓ ଶିକ୍ଷାରୁ ବଞ୍ଚିତ ଶିଶୁମାନଙ୍କ ପାଇଁ କାର୍ଯ୍ୟରତ ସଂସ୍ଥାଗୁଡ଼ିକର କାର୍ଯ୍ୟଧାରା ସମ୍ପର୍କରେ ଅବଗତ ହୋଇଥିଲେ। ଗୁରୁବାର ମହାବିଦ୍ୟାଳୟ ପରିସରରେ ଆୟୋଜିତ ସମାପନୀ ଉତ୍ସବରେ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର କର ସଭାପତିତ୍ୱ କରିଥିଲେ। ନୋଡାଲ ଅଧିକାରୀ ପ୍ରଶାନ୍ତ କୁମାର ନନ୍ଦ ଇଣ୍ଟର୍ନସିପ୍ର ଚୂଡ଼ାନ୍ତ ରିପୋର୍ଟ ପ୍ରସ୍ତୁତି ସମ୍ପର୍କିତ ନିୟମାବଳୀ ଉପସ୍ଥାପନ କରିବା ସହ ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ବ୍ୟକ୍ତିତ୍ୱ ବିକାଶ ଓ ସମାଜସେବା ପ୍ରତି ଆଗ୍ରହ ବୃଦ୍ଧିରେ ସହାୟକ ହେବ ବୋଲି କହିଥିଲେ। ଅଧ୍ୟାପକ ଚମ୍ପେଶ୍ୱର ମିଶ୍ର, ପୂର୍ଣ୍ଣଚନ୍ଦ୍ର ଗିରି ଓ ସୁନୀଲ କୁମାର ସାହୁ ଏହି ଇଣ୍ଟର୍ନସିପ୍‌କୁ ଛାତ୍ରଛାତ୍ରୀଙ୍କ ପାଇଁ ଏକ ମୂଲ୍ୟବାନ ଅଭିଜ୍ଞତା ଭାବେ ବର୍ଣ୍ଣନା କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରୁ ମାନ୍ୟତା ରାମ, ତେଜସ୍ୱିନୀ ମହାନ୍ତ, ବିନ୍ଦୁସ୍ମିତା ପ୍ରଧାନ, ଧନଞ୍ଜୟମୁଣ୍ଡା ଓ ସଞ୍ଜୟଦାସ ନିଜ ଇଣ୍ଟର୍ନସିପ୍ ଅଭିଜ୍ଞତା ଉପସ୍ଥାପନ କରିଥିଲେ। ଅଧ୍ୟାପିକା ରଞ୍ଜିତା ମୁଣ୍ଡା, ରୀତା ଚତାର, ରାଜକିଶୋର ମହାନ୍ତ, ଡ଼. ସୁନୀଲ ସାହୁ, ଡମ୍ବରୁଧର ସାମଲ, ଦୀପ୍ତିରଞ୍ଜନ ଖଟୁଆ, ଗୁପ୍ତେଶ୍ୱର ମାଝୀଙ୍କ ସମେତ ଅଧ୍ୟାପକଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ।

## ଆପ୍ କାର୍ଯ୍ୟକର୍ତ୍ତାଙ୍କ ସମ୍ମିଳନୀ



ଆନନ୍ଦପୁର, ୧୮।୬(ସମିସ): ଆମ୍ ଆଦମୀ ପାର୍ଟି କେନ୍ଦୁଝର ଜିଲ୍ଲାର ଘଷିପୁରା ଓ ଆନନ୍ଦପୁର ବିଧାନସଭା କ୍ଷେତ୍ରର କାର୍ଯ୍ୟକର୍ତ୍ତା ସମ୍ମିଳନୀ ଘଷିପୁରା ଝାଡେଶ୍ୱର ମନ୍ଦିରର ଆମ୍ବ ତୋଟାଠାରେ ଅନୁଷ୍ଠିତ ହୋଇଯାଇଛି। ସୁଶାନ୍ତ ନାଏକ ସଭାପତିତ୍ୱ କରିଥିବା ବେଳେ ଜିଲ୍ଲା ସଭାପତି ପ୍ରେମାନନ୍ଦ ସିଂହ, ଉପସଭାପତି ଜୈନୁଲ୍ ଆବେଦିନ୍, ସଂଗଠନ ସମ୍ପାଦକ କେନ୍ଦୁଝର ଜିଲ୍ଲାର ପ୍ରଭାରୀ ଆଚାର୍ଯ୍ୟ କଲ୍ୟାଣ ଆନନ୍ଦ ଏବଂ ଘଷିପୁରା ବ୍ଲକ୍ ବାତୋ ପଞ୍ଚାୟତର ଯୁବ ନେତା ହିମାଂଶୁ ନାଥଖଗେଶ୍ୱର ଶତପଥୀ, ବଳରାମପୁର ପଞ୍ଚାୟତର ଅଶୋକ ନାୟକ, ରବିନ୍ଦ୍ର ପାଗଳ ଟିମା ସେଠୀ, ଘଟଗାଁ ବ୍ଲକ୍‌ର ଶ୍ୟାମସୁନ୍ଦର ନାଏକ, ଆନନ୍ଦପୁର ବ୍ଲକ୍‌ର ଅଜୟ ନାଏକ ବିପିନ୍ ଦାସ୍ ଜାସକେଲ୍ ଟୁଡୁସୁମନ୍ତ ମଲ୍ଲିକ, ଦେବାଶିଷ ବାରିକ, ହରିହର ଦଳ ଚନ୍ଦ୍ରଶେଖର ବେହେରା, ଉଦୟନାଥ ମହାନ୍ତି, କୃଷ୍ଣଚନ୍ଦ୍ର ଜେନା, ଦିଲୀପ ଜେନା ସୁଦର୍ଶନ ଜେନା ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ନିର୍ବାଚନ ପାଇଁ ପ୍ରସ୍ତୁତି ଆଲୋଚନା କରିଥିଲେ। ଆମ୍ ଆଦମୀ ପାର୍ଟିକୁ କେନ୍ଦୁଝରରେ ସଙ୍ଗଠିତ କରିବାପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି।

## ବିପର୍ଯ୍ୟୟ ପରିଚାଳନା ସଂକ୍ରାନ୍ତ ପ୍ରସ୍ତୁତି ଆଲୋଚନା




କେନ୍ଦୁଝର,୧୮।୬(ସମିସ): ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଆଜି ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଦରବାର ହଲଠାରେ ଟେବୁଲ ଟପ ଏକ୍ସରସାଇଜ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଧନେଶ୍ୱର ସେଠୀ, ଡେପୁଟି କଲେକ୍ଟର ଆପତକାଳୀନ ଅଭିଳାଷ ପୁରୋହିତ, ଏସିଏଫ ଅଶୋକ ଦାସ, ଏନଡିଆରଏଫ ଇନ୍ସପେକ୍ଟର ବରୁନ କୁମାର ଓ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ବିଭିନ୍ନ ସମୟରେ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବା ବେଳେ ବନ୍ୟା, ବାତ୍ୟା, ସାପକାମୁଡ଼ା, ବଜ୍ରପାତ ସମୟରେ ଜନସାଧରଣଙ୍କ ଧନଜୀବନକୁ ହ୍ରାସ କରିବା ବାବଦରେ ଆଲୋଚନା କରାଯାଇ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ଏହି ବୈଠକର ମୂଳ ଉଦ୍ଦେଶ୍ୟ ରହିଥିଲା। ସମସ୍ତ ବିଭାଗୀୟ ଅଧିକାରୀ ସମ୍ଭାବ୍ୟ ବିପର୍ଯ୍ୟୟକୁ ସମ୍ମୁଖୀନ ହେବା ପୂର୍ବରୁ ଏହାର ମୁକାବିଲା କରିବା ପୂର୍ବରୁ ଏହାର ମୁକାବିଲା ପାଇଁ ବ୍ୟାପକ ସଜାଗ ରହିବା ପାଇଁ ପରାମର୍ଶ ଦିଆଯାଇଛି। ବିପର୍ଯ୍ୟୟ ସମୟରେ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ ଗୋଟିଏ ଟିମ୍ ହୋଇ କାର୍ଯ୍ୟ କରିବା ସହିତ ପ୍ରଭାବିତ ଜନସାଧରଣଙ୍କୁ ଖାଦ୍ୟ, ଔଷଧ, ପାନୀୟ ଜଳ, ଚୁଡ଼ା, ଗୁଡ଼ ମହଜୁଦ ରଖିବା ଓ ସଠିକ ଭାବରେ ପରିଚାଳନା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥାର ବିଶେଷଜ୍ଞ ଅମ୍ବିକା ପ୍ରସାଦ ମିଶ୍ର ଯୋଗ ଦେଇଥିଲେ। ଉଦ୍ଧାରକାର୍ଯ୍ୟ କିପରି କରାଯାଇପାରିବ ସେ ସଂପର୍କରେ ଏନଡିଆରଏଫ୍ ଓ ଅଗ୍ନିଶମ ବିଭାଗ ଦ୍ୱାରା ମକ୍ ଡ୍ରିଲ କରାଯାଇଥିଲା। ଜିଲ୍ଲା ପ୍ରକଳ୍ପ ଅଧିକାରୀ ଶେଖ ଇଜାଜ ଇକବାଲ ପରିଚାଳନା କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ରାଜସ୍ୱ କ୍ଷେତ୍ର କର୍ମଚାରୀଙ୍କ ତହସିଲ୍‌ରେ ସ୍ମାରକପତ୍ର







ବାଲିବନ୍ଧ/ଆନନ୍ଦପୁର/ଡୁରୁମୁଙ୍ଗା, ୧୮।୬ (ସମିସ)

ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ଆହ୍ୱାନକ୍ରମେ କେନ୍ଦୁଝର ଜିଲ୍ଲାର ୧୩ଟି ତହସିଲରେ କାର୍ଯ୍ୟରତ ରାଜସ୍ୱ ନିରୀକ୍ଷକ, ସହକାରୀ ରାଜସ୍ୱ ନିରୀକ୍ଷକ, ରାଜସ୍ୱ ସୁପରଭାଇଜର ଓ ଅମିନମାନେ ନିଜ ନିଜ ତହସିଲଦାରଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଝୁମ୍ପୁରା ତହସିଲର ସମସ୍ତ ଆରଆଇ ସର୍କଲ ପକ୍ଷରୁ ମଧ୍ୟ ସ୍ମାରକପତ୍ର ପ୍ରଦାନ କରାଯାଇଛି। ରାଜ୍ୟରେ ରାଜସ୍ୱ କ୍ଷେତ୍ର କର୍ମଚାରୀଙ୍କ ଉପରେ ଦିନକୁ ଦିନ ବଢ଼ି ଚାଲିଥିବା ଅମାନବୀୟ କାର୍ଯ୍ୟଭାର, ଦୀର୍ଘଦିନ ଧରି ଖାଲି ପଡ଼ିଥିବା ପଦ ପୂରଣରେ ସରକାରଙ୍କ ଉଦାସୀନତା, ଭ୍ରମଣ ଭତ୍ତା ଓ ମୋବାଇଲ ଭତ୍ତା ପ୍ରଦାନରେ ବିଳମ୍ବ, ଗ୍ରୁପ-ଡି କର୍ମଚାରୀଙ୍କ ଅଭାବ, ଆବଶ୍ୟକ ଭିତ୍ତିଭୂମି ସୁବିଧାର ଅନୁପସ୍ଥିତି ଏବଂ ଅଣରାଜସ୍ୱ କାର୍ଯ୍ୟରେ ନିୟୋଜନ ଭଳି ଗୁରୁତର ସମସ୍ୟା ଉଲ୍ଲେଖ କରାଯାଇଛି। ସଂଘର ଅଭିଯୋଗ ଅନୁଯାୟୀ, ରାଜ୍ୟରେ ପ୍ରାୟ ୪୬ ପ୍ରତିଶତ

### ଦାବି ପୂରଣ ନ ହେଲେ ୨୨ରୁ ତେଜିବ ଆନ୍ଦୋଳନ

ରାଜସ୍ୱ କ୍ଷେତ୍ର ପଦ ଖାଲି ରହିଥିବାବେଳେ ଅବଶିଷ୍ଟ କର୍ମଚାରୀଙ୍କ ଉପରେ ଅତ୍ୟଧିକ କାର୍ଯ୍ୟଭାର ଲଦି ଦିଆଯାଉଛି। ସଂଘ ଦାବି କରିଛି ଯେ ସରକାର ତୁରନ୍ତ ଖାଲି ପଦ ପୂରଣ, କ୍ୟାଡର ପୁନର୍ଗଠନ, ସି ୨ସି କାର୍ଯ୍ୟର ଯୁକ୍ତିସଙ୍ଗତ ସରଳୀକରଣ, ଭ୍ରମଣ ଭତ୍ତା ଓ ମୋବାଇଲ ଭତ୍ତା ବୃଦ୍ଧି, ଲାପଟପ୍, ପ୍ରିଣ୍ଟର, ଇଣ୍ଟରନେଟ ସୁବିଧା ଯୋଗାଣ ଏବଂ ରାଜସ୍ୱ କ୍ଷେତ୍ର କର୍ମଚାରୀଙ୍କୁ ଅଣରାଜସ୍ୱ କାର୍ଯ୍ୟରୁ ମୁକ୍ତ କରିବା ପାଇଁ ପଦକ୍ଷେପ ନିଅନ୍ତୁ। ସଂଘର ଜିଲ୍ଲା ଶାଖା ପକ୍ଷରୁ କୁହାଯାଇଛି ଯେ ଦୀର୍ଘଦିନ ଧରି ଦାବିଗୁଡ଼ିକ ଅଣଦେଖା କରାଯାଉଥିବାରୁ ରାଜ୍ୟ ସଂଘର ନିଷ୍ପତ୍ତି ଅନୁସାରେ 'ମିଶନ ସ୍ୱାଭିମାନ' ଆନ୍ଦୋଳନ ଘୋଷଣା କରାଯାଇଛି। ଦାବି ପୂରଣ ନ ହେଲେ ଆସନ୍ତା ୨୨ ଜୁନରେ କଳା ବ୍ୟାଜ୍ ପରିଧାନ, ୨୫ରେ ସରକାରୀ ହ୍ୱାଟସଆପ୍ ଗ୍ରୁପରୁ ବାହାରିବା ଏବଂ ୧ ଜୁଲାଇରୁ ଗଣଛୁଟି ଆନ୍ଦୋଳନ କରାଯିବ ବୋଲି ସତର୍କ କରାଯାଇଛି। କାର୍ଯ୍ୟକ୍ରମରେ ଗୁରୁବାର କେନ୍ଦୁଝର ଜିଲ୍ଲାର ସମସ୍ତ ତହସିଲର ରାଜସ୍ୱ କ୍ଷେତ୍ର କର୍ମଚାରୀ ସାମିଲ ଥିଲେ। ଭିପାଟଣା ଅତିରିକ୍ତ ତହସିଲଦାର ଶରଣ ଜେନାଙ୍କୁ ପାଟଣା ତହସିଲ ଅଧୀନରେ ଥିବା ଆରଆଇ, ଅମିନ ଓ ସୁପରଭାଇଜରମାନେ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ସକାଳ
THE SAKALA



# ବାଲେଶ୍ୱର ଜିଲ୍ଲାରେ ବୁଲା ଗୋରୁ ସଂଖ୍ୟା ୧୧ ହଜାର ଟପିଲା

ବାଲେଶ୍ୱର, ୧୮।୬ (ସମିସ)



- ଖଇରାରେ ସର୍ବାଧିକ ୧୬୯୪, ସଦରରେ ୧୨୪୬
- ଗୋଶାଳା ଅଭାବ ଓ ପ୍ରଶାସନିକ ଉଦାସୀନତା ଯୋଗୁଁ ଉଗ୍ର ହେଉଛି ସମସ୍ୟା
- ରାଜପଥରୁ ସହର ପର୍ଯ୍ୟନ୍ତ ବଢୁଛି ଦୁର୍ଘଟଣା

ବାଲେଶ୍ୱର ଜିଲ୍ଲାରେ ବୁଲା ଗୋରୁଗାଈ ସମସ୍ୟା ଏବେ କେବଳ ପଶୁ ପରିଚାଳନାର ପ୍ରସଙ୍ଗ ହୋଇ ରହିନାହିଁ ବରଂ ଏହା ଜନସୁରକ୍ଷା, ସଡ଼କ ପରିବହନ, କୃଷି ଓ ସହର ପରିଚାଳନା ପାଇଁ ଏକ ବଡ଼ ଆହ୍ୱାନ ହୋଇ ଉଭା ହୋଇଛି। ୨୧ତମ ପଶୁ ଗଣନା-୨୦୨୪ ରିପୋର୍ଟ ଅନୁଯାୟୀ ଜିଲ୍ଲାରେ ବର୍ତ୍ତମାନ ୧୧, ୨୨୦ ବୁଲା ଗୋରୁଗାଈ ଥିବାବେଳେ ମୋଟ ବୁଲା ପଶୁଙ୍କ ସଂଖ୍ୟା ୪୮, ୭୮୦ରେ ପହଞ୍ଚିଛି। ଏଥିମଧ୍ୟରେ ୩୭, ୫୬୦ ବୁଲା କୁକୁର ଏବଂ ୧୧, ୨୨୦ ବୁଲା ଗୋରୁ ରହିଛନ୍ତି। ଜିଲ୍ଲାର ପ୍ରମୁଖ ସଡ଼କ, ଜାତୀୟ ରାଜପଥ, ସହର ଓ ଗ୍ରାମାଞ୍ଚଳରେ ବୁଲା ଗୋରୁଙ୍କ ଅବାଧ ବିଚରଣ ଯୋଗୁଁ ପ୍ରତିଦିନ ଦୁର୍ଘଟଣା ଆଶଙ୍କା ବଢୁଥିବାବେଳେ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ବିଶେଷକରି ବାଲେଶ୍ୱର ସହରର ମୁଖ୍ୟ ରାସ୍ତା, ବସଷ୍ଟାଣ୍ଡ ଅଞ୍ଚଳ, ଫକୀରମୋହନ ଛକ, ଷ୍ଟେସନ ରୋଡ଼, ସୁନହଟ, ମୋତିଗଞ୍ଜ ଏବଂ ଜାତୀୟ ରାଜପଥ ସଂଲଗ୍ନ ଅଞ୍ଚଳରେ ବୁଲା ଗୋରୁଙ୍କ ଉପସ୍ଥିତି ଏବେ ନିତିଦିନିଆ ଦୃଶ୍ୟ ପାଲଟିଛି। ସକାଳ ଓ ସନ୍ଧ୍ୟା ସମୟରେ ରାସ୍ତା ଉପରେ ଗୋରୁଙ୍କ ଗୋଠ ଦେଖିବାକୁ ମିଳୁଥିବାରୁ ଟ୍ରାଫିକ୍ ଜାମ୍ ସୃଷ୍ଟି ହେଉଛି। ଅନେକ ସମୟରେ ଗାଡ଼ି ଚାଳକ ହଠାତ୍ ଗୋରୁ ସାମ୍ନାକୁ ଆସିଯିବାରୁ ନିୟନ୍ତ୍ରଣ ହରାଇ ଦୁର୍ଘଟଣାର ଶିକାର ହେଉଛନ୍ତି। ରାତି ସମୟରେ ରାସ୍ତା ଉପରେ ଶୋଇଥିବା ଗୋରୁଙ୍କୁ ଦେଖିବା କଷ୍ଟକର ହେଉଥିବାରୁ ଜାତୀୟ ରାଜପଥରେ ବିପଦ ଆହୁରି ବଢ଼ିଯାଉଛି। ଏନ୍‌ଏଚ୍-୧୬, ଏନ୍‌ଏଚ୍-୧୮ ଏବଂ ବାଲେଶ୍ୱର-ଭଦ୍ରକ ରାସ୍ତାରେ ବୁଲା ଗୋରୁ ଯୋଗୁଁ ବାରମ୍ବାର ଦୁର୍ଘଟଣା ଘଟୁଥିବା ଅଭିଯୋଗ ଉଠୁଛି। ପଶୁ ଗଣନା ରିପୋର୍ଟ ଅନୁସାରେ, ଜିଲ୍ଲାରେ ସବୁଠାରୁ ଅଧିକ ବୁଲା ଗୋରୁ ଖଇରା ବ୍ଲକରେ ଚିହ୍ନଟ ହୋଇଛି। ଏଠାରେ ୧, ୬୯୪ ବୁଲା ଗୋରୁ ରହିଥିବାବେଳେ ରେମୁଣା ବ୍ଲକରେ ୧, ୨୬୮ ଏବଂ ବାଲେଶ୍ୱର ସଦରରେ ୧, ୨୪୬ ବୁଲା ଗୋରୁ ରହିଛନ୍ତି। ସେହିପରି ବାହାନଗାରେ ୧, ୨୧୫, ସୋରରେ ୧, ୦୮୯, ବାଲିଆପାଳରେ ୯୨୮, ଭୋଗରାଇରେ ୭୬୮, ଔପଦାରେ ୭୫୬, ସିମୁଳିଆରେ ୬୯୪, ବସ୍ତାରେ ୬୭୪ ଓ ନୀଳଗିରିରେ ୪୯୬ ବୁଲା ଗୋରୁ ରହିଥିବାବେଳେ ଜଳେଶ୍ୱରରେ ସର୍ବନିମ୍ନ ୩୯୨ ବୁଲା ଗୋରୁ ରହିଛନ୍ତି। ଏହି ପରିସଂଖ୍ୟାନ ସ୍ପଷ୍ଟ କରୁଛି ଯେ ଜିଲ୍ଲାର ପ୍ରାୟ ସମସ୍ତ ବ୍ଲକରେ ବୁଲା ଗୋରୁ ସମସ୍ୟା ଗୁରୁତର ରୂପ ଧାରଣ କରିଛି। କେବଳ ସଡ଼କ ଦୁର୍ଘଟଣା ନୁହେଁ, ବୁଲା ଗୋରୁ ଯୋଗୁଁ କୃଷକମାନେ ମଧ୍ୟ ବଡ଼ କ୍ଷତି ସହୁଛନ୍ତି। ରାତି ସମୟରେ ଚାଷ ଜମିରେ ପଶି ଧାନ, ପନିପରିବା ଓ ଅନ୍ୟାନ୍ୟ ଫସଲ ନଷ୍ଟ କରୁଥିବାରୁ ଚାଷୀମାନେ ଆର୍ଥିକ ଭାବେ ପ୍ରଭାବିତ ହେଉଛନ୍ତି। ଅନେକ ଚାଷୀ ଫସଲ ଜଗିବା ପାଇଁ ରାତି ଅନିଦ୍ରା ରହୁଥିବାବେଳେ ଏହାର ସ୍ଥାୟୀ ସମାଧାନ ନେଇ ପ୍ରଶାସନର କୌଣସି ଦୃଶ୍ୟମାନ ପଦକ୍ଷେପ ଦେଖାଯାଉନଥିବା ଅଭିଯୋଗ ହେଉଛି। ସ୍ଥାନୀୟ ବାସିନ୍ଦା ଓ ସାମାଜିକ କର୍ମୀଙ୍କ ମତରେ, ଜିଲ୍ଲାରେ ପର୍ଯ୍ୟାପ୍ତ ଗୋଶାଳା ଓ କାଞ୍ଜିଆହୁଦାର ଅଭାବ ଏହି ସମସ୍ୟାର ମୁଖ୍ୟ କାରଣ। ବୟସ୍କ ଏବଂ ଦୁଗ୍ଧ ଦେବା ବନ୍ଦ କରିଥିବା ଗୋରୁଙ୍କୁ ମାଲିକମାନେ ରାସ୍ତାରେ ଛାଡ଼ି ଦେଉଥିବାରୁ ବୁଲା ଗୋରୁଙ୍କ ସଂଖ୍ୟା ଦିନକୁ ଦିନ ବଢୁଛି। ଗଣନା କରି ସଂଖ୍ୟା ପ୍ରକାଶ କରିବାରେ ପ୍ରଶାସନ ସୀମିତ ରହୁଥିବାବେଳେ ସେମାନଙ୍କ ପାଇଁ ଥଇଥାନ, ଖାଦ୍ୟ ଓ ପରିଚାଳନା ବ୍ୟବସ୍ଥା କରାଯାଉନଥିବାରୁ ସମସ୍ୟା ଉତ୍କଟ ହେଉଛି। ବର୍ତ୍ତମାନ ସ୍ଥିତିକୁ ଦେଖିଲେ ବାଲେଶ୍ୱର ଜିଲ୍ଲାରେ ବୁଲା ଗୋରୁ ସମସ୍ୟା ଏକ ନିରବ ବିପଦ ଭାବେ ଉଭା ହୋଇଛି। ଯଦି ତୁରନ୍ତ ଗୋଶାଳା ସ୍ଥାପନ, କାଞ୍ଜିଆହୁଦା ସକ୍ରିୟକରଣ, ମାଲିକଙ୍କ ଦାୟିତ୍ୱ ନିର୍ଦ୍ଧାରଣ ଏବଂ ବୁଲା ପଶୁ ପରିଚାଳନା ପାଇଁ ସ୍ୱତନ୍ତ୍ର କାର୍ଯ୍ୟଯୋଜନା ପ୍ରସ୍ତୁତ ନହୁଏ, ତେବେ ଆଗାମୀ ଦିନରେ ସଡ଼କ ଦୁର୍ଘଟଣା, ଫସଲ କ୍ଷତି ଆହୁରି ଭୟଙ୍କର ରୂପ ନେବା ନିଶ୍ଚିତ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

## ପୋଖରୀରେ ବୁଡ଼ି ଶିଶୁକନ୍ୟା ମୃତ

ସୋର, ୧୮।୬ (ସମିସ): ସୋର ବ୍ଲକ ଟେଣ୍ଟେଇ ଗ୍ରାମର ଜଣେ ଦେଢବର୍ଷ ଶିଶୁକନ୍ୟା ପୋଖରୀ ପାଣିରେ ବୁଡି ମୃତ୍ୟୁବରଣ କରିଛି। ସୋର ବ୍ଲକ ଟେଣ୍ଟେଇ ଗ୍ରାମର ଉତ୍ତମ ମଲିକଙ୍କ ଝିଅ ରାଜଲକ୍ଷ୍ମୀ ଆଜି ମଧ୍ୟାହ୍ନରେ ଘର ପାଖରେ ଖେଳୁଥିବା ବେଳେ ଘର ନିକଟରେ ଥିବା ପୋଖରୀରେ ବୁଡିଯାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଅନନ୍ତପୁର ଥାନା ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ କରିବା ସହିତ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ସନ୍ଦେହ ଘେରରେ ନିର୍ମାଣ ଶ୍ରମିକ ନେତାଙ୍କ ମୃତ୍ୟୁ

ଖଇରା, ୧୮।୬ (ସମିସ): ବାଲେଶ୍ୱର ଜିଲା ଖଇରା ଥାନା ପଳସା ପଞ୍ଚାୟତ ଅଧୀନ ନଛିପୁର ଗ୍ରାମର ବିଶିଷ୍ଟ ନିର୍ମାଣ ଶ୍ରମିକ ନେତା ସନାତନ ରାଉତ ସନ୍ଦେହଜନକ ଭାବେ ମୃତ୍ୟୁବରଣ କରିଛନ୍ତି। ପରିବାର ଲୋକ ଏହି ମୃତ୍ୟୁକୁ ଆତ୍ମହତ୍ୟାର ରୂପ ଦେଉଥିବା ବେଳେ ଗ୍ରାମବାସୀ ମାନେ ଏହା ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ଘଟଣାର ୩ ଦିନ ବିତିଯାଇଥିବା ବେଳେ ଏ ପର୍ଯ୍ୟନ୍ତ ଠିକଭାବେ ତଦନ୍ତ କରାଯାଉନଥିବା ନେଇ ନିର୍ମାଣ ଶ୍ରମିକ ସଙ୍ଗଠନ ତଥା ବାମ ସଙ୍ଗଠନ ତରଫରୁ ଅଭିଯୋଗ କରାଯାଇଛି। ଖଇରା ଥାନା ଆଇଆଇସି ଜନ ପଟ୍ଟନାୟକଙ୍କ ପ୍ରତିକ୍ରିୟା ନେବା ପରେ ଏହି ଘଟଣାରେ ଏକ ଅପମୃତ୍ୟୁ ମାମଲା(୧୬/୨୬) ରୁଜୁ କରାଯାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି। ଖଇରା ଶ୍ରମିକ ସଙ୍ଗଠନର ଉପସଭାପତି ସନାତନଙ୍କ ମୃତଦେହ ଗତ ରଜ ସଂକ୍ରାନ୍ତୀ ଦିନ ସକାଳେ ଘର ଠାରୁ ୨ଶହ ମିଟର ଦୂର ଆମ୍ବଗଛରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। କିଛିଦିନ ପୂର୍ବରୁ ତାଙ୍କର ପରିବାର ସହ ମତାନ୍ତର ଲାଗିରହିଥିଲା। ଏଥିପାଇଁ ସେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ନେଇ ବୋହୂ ପୂଜାଲିନ ରାଉତ ଖଇରା ଥାନାରେ ଅଭିଯୋଗ କରିଥିବା ବେଳେ ତାଙ୍କୁ ହତ୍ୟାକରି ଆତ୍ମହତ୍ୟା ରୂପ ଦିଆଯାଉଥିବା ନେଇ କିଛି ଗ୍ରାମବାସୀ କହିଛନ୍ତି।

## ରାସ୍ତାକଡ଼ରେ ପୁଣି ମଦ ଦୋକାନ ହେଲେ ଆନ୍ଦୋଳନ ଚେତାବନୀ

କାଳିପଦା, ୧୮।୬(ସମିସ): ବାଲିଆପାଳ ବସ୍ତା ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତାର ମୁଧୁପୁରା ପଞ୍ଚାୟତ ବଡ ସିମୁଳିଆ ଗାଁଠାରେ ଏବେ ଏକ ସରକାରୀ ମଦ ଦୋକାନ ଖୋଲା ଯିବା ନେଇ ଜଣେ ବ୍ୟକ୍ତି ଉଦ୍ୟମ କରୁଛି। ଏହା ଜଣା ପଡ଼ିବା ପରେ ସ୍ଥାନୀୟ ସରପଞ୍ଚ ଓ ଗ୍ରାମବାସୀ ଏହାକୁ ତୀବ୍ର ବିରୋଧ କରିଛନ୍ତି। ରାସ୍ତା କଡ଼ରେ ଏହି ମଦ ଦୋକାନ ଖୋଲାଗଲେ ଦୁର୍ବାର ଜନ ଆନ୍ଦୋଳନ ଗଢି ଉଠିବ ବୋଲି ସେମାନେ ଜିଲ୍ଲା ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ମଦ ଦୋକାନର ପଶ୍ଚିମକୁ ପ୍ରାୟେ ପାଞ୍ଚ ଶହ ମିଟର ଦୂରତାରେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରହିଛି, ପୂର୍ବକୁ ବଡ଼ ସିମୁଳିଆ ୟୁଜିୟୁପି ସ୍କୁଲ ଓ କଟୁଆପଡ଼ା ପ୍ରାଥମିକ ବିଦ୍ୟାଳୟ, କାଞ୍ଚନେଶ୍ୱର ମହାଦେବ ମନ୍ଦିର, ସତ୍ୟ ସାଇ ମନ୍ଦିର, ଜନ ଗହଳି ପୂର୍ଣ୍ଣ ଦୈନିକ ସିମୁଳିଆ ମାର୍କେଟ ଆଦି ରହିଛି। ଏଠାରେ ମଦ ଦୋକାନ ହେଲେ ବିଦ୍ୟାଳୟର ଛାତ୍ରଛାତ୍ରୀ ଯିବା ଆସିବା କରିବାକୁ ପ୍ରମାଦ ଗଣିବେ, ରୋଗୀ ଓ ସେମାନଙ୍କ ଅଭିଭାବକମାନେ ଭୟ ଓ ଶଙ୍କାରେ ଯିବେ, ରାସ୍ତା କଡ଼ ମଦ ଦୋକାନ ଯୋଗୁଁ ମଦ୍ୟପମାନଙ୍କ ଦୌରାତ୍ମ୍ୟ ମଧ୍ୟ ବୃଦ୍ଧି ପାଇବ। ପୂର୍ବରୁ ଏହି ରାସ୍ତା କଡରେ ଯେଉଁ ସରକାରୀ ମଦ ଦୋକାନ ଥିଲା ତାହା ବନ୍ଦ ହୋଇ ଯାଇଛି। ଆଉ ନୂଆ ମଦ ଦୋକାନ ଏଠାରେ ଖୋଲା ନ ଯାଉ ବୋଲି ସରପଞ୍ଚ ଗୀତାରାଣୀ ମାହାନା, ସରିତା ପ୍ରଧାନ, ରୂପଶ୍ରୀ ମହାନ୍ତି, ବାସନ୍ତୀ ଜେନା, ଶୁଚିସ୍ମିତା ଜେନା, ଜୟନ୍ତ କୁମାର ପ୍ରଧାନ, ପ୍ରଦୀପ କୁମାର କର, ସୁଷମା କର, ଜିତେନ୍ଦ୍ର ରାଉଳ, ଅବୋଧ ଗିରି, ସ୍ନେହଲତା ଜେନା ପ୍ରମୁଖଙ୍କ ସହିତ ନିକଟ ବର୍ତ୍ତୀ ସାତଟି ପରିବାର ଲୋକମାନେ ଦୃଢ ଦାବି କରିଛନ୍ତି। ଗ୍ରାମବାସୀ ଜିଲ୍ଲା ଅବକାରୀ ଅଧିକ୍ଷକ ଓ ବିଭାଗୀୟ ମନ୍ତ୍ରୀ ପ୍ରମୁଖଙ୍କ ଗୋଚରାର୍ଥେ ମଧ୍ୟ ଲେଖି ଜଣାଇଛନ୍ତି।

## ବ୍ୟବସାୟୀଙ୍କ ବିୟୋଗରେ ଶୋକ

ଚାନ୍ଦିପୁର, ୧୮।୬ (ସମିସ): ବାଲେଶ୍ୱର ଟ୍ରଲର ସଂଘର ପୂର୍ବତନ ସଭାପତି ତଥା ବଳରାମଗଡ଼ି ଗଙ୍ଗାମାତା ମନ୍ଦିର କମିଟିର ଉପଦେଷ୍ଟା, ବିଶିଷ୍ଟ ବ୍ୟବସାୟୀ ବିମଳକ୍ରିଷ୍ଣ ଦାସଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଗଙ୍ଗାମାତା ମନ୍ଦିର ପରିସରରେ ଆୟୋଜିତ ଏହି ସଭାରେ କମିଟି ସମ୍ପାଦକ ତ୍ରିଲୋଚନ ବସ୍ତିଆ ସଭାପତିତ୍ୱ କରି କହିଥିଲେ ଯେ, ସ୍ୱର୍ଗତ ଦାସ ଜଣେ ନିଆରା ମଣିଷ ଥିଲେ। ତାଙ୍କ ଅନୁଦାନରେ ଏଠାରେ ଗଙ୍ଗାମାତାଙ୍କ ମନ୍ଦିର ନିର୍ମାଣ ହୋଇପାରିଛି। ସେହିପରି ଦୀର୍ଘଦିନ ଧରି ଟ୍ରଲର ସଂଘ ସହିତ ଯୋଡ଼ି ହୋଇ ମତ୍ସ୍ୟଜୀବୀଙ୍କ ସୁଖଦୁଃଖରେ ସାମିଲ ହୋଇଆସୁଥିଲେ। ତାଙ୍କ ବିୟୋଗରେ ସଂଘର ଅପୂରଣୀୟ କ୍ଷତି ଘଟିଛି ବୋଲି ଶ୍ରୀ ବସ୍ତିଆ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନରେନ୍ଦ୍ର ବିହାରୀ ଦାସ, ମୋହନ ଦାସ, ବିନୋଦ ତ୍ରିପାଠୀ, ଆନନ୍ଦ ତ୍ରିପାଠୀ, ଶ୍ରୀମନ୍ତ ମଣ୍ଡଳ, ସୁନୀଲ ମହାରଣା, ରଣଜିତ ମହାପାତ୍ର, ଅକ୍ଷୟ ସ୍ୱାଇଁ, କେଶବ ନାୟକ, ପ୍ରଭାଂଶୁ ସିଂହ, ଉପେନ୍ଦ୍ର ବେହେରା, ପୁରୁଷୋତ୍ତମ ମାଝୀ, ଶ୍ରୀଧର ମାଝୀ, ରତିକାନ୍ତ ନାୟକ, ଯୁଧିଷ୍ଠିର ସାହୁ, ଅକିଞ୍ଚନ ବର୍ଦ୍ଧନ, ଜଗନ୍ନାଥ ସାହୁ, ହରେକୃଷ୍ଣ ବାରିକ, ହରିହର ବାରିକ, ବିନାୟକ ରଥ, ରବୀନ୍ଦ୍ର ପରିଡ଼ା, ମନୋରଞ୍ଜନ ପାତ୍ର, ଅନନ୍ତ ପଟ୍ଟନାୟକ, ରଥିନ୍ ଦା, ବାବୁ ଭାଇ ପ୍ରମୁଖ ସାମିଲ ହୋଇ ସ୍ୱର୍ଗତ ଦାସଙ୍କ ସ୍ମୃତିଚାରଣ କରିଥିଲେ।

## ଧାନମଣ୍ଡି ସମ୍ମୁଖରେ ଚାଷୀଙ୍କ ଆମରଣ ଅନଶନ

ଜଳେଶ୍ୱର, ୧୮।୬(ସମିସ): ସରକାରୀ ମଣ୍ଡିରେ ଧାନ କିଣାରେ ବ୍ୟାପକ ଅବ୍ୟବସ୍ଥା ରହିଥିବାବେଳେ ଚାଷୀ ଅସନ୍ତୋଷ ଆମରଣ ଅନଶନର ରୂପ ନେଇଛି। ନାଙ୍ଗୋ ଥାନା ଅଧୀନ ଜ୍ୟୋତି ଜଙ୍ଗମ ସେବା ସମିତି ସମ୍ମୁଖରେ ଚାଷୀ ବୋର୍ଡ଼ କମିଟି ଓ ବହୁ କୃଷକ ମାନେ ଟାର୍ଗେଟ ପୂରଣ ଦାବିରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆମରଣ ଅନଶନରେ ବସିଛନ୍ତି। ଉକ୍ତ ସମିତିରେ ୩୮୧ ଜଣ ଓ ଏହାର ଅଧିନରେ ଥିବା ଖାଲିନା ସମିତି ରେ ୩୬୭ ଜଣ ଚାଷୀ ପଞ୍ଜିକୃତ କରିଛନ୍ତି। ଆବଶ୍ୟକ ଅନୁସାରେ ମିଲିର ଟ୍ରକ୍ ପଠାଉ ନଥିବା ବେଳେ ସ୍ୱଳ୍ପ ଅବଧି ମଧ୍ୟରେ ସମସ୍ତ ପଞ୍ଜିକୃତ ଚାଷୀଙ୍କ ଶତପ୍ରତିଶତ ଧାନ କ୍ରୟ ନେଇ ସଂଶୟ ସୃଷ୍ଟି ହୋଇଛି। ଆଗକୁ ବଡ଼ ବର୍ଷା ଆସୁଥିବା ବେଳ ସୀମିତ ସମୟ ମଧ୍ୟରେ ସମସ୍ତ ଧାନ ବିକ୍ରି ନେଇ ଚାଷୀ କୂଳ ଅନଶନରେ ବସିଛନ୍ତି। ସମସ୍ୟା ନେଇ କିନ୍ତୁ ସ୍ୱଳ୍ପ ଦିନ ମଧ୍ୟରେ ଅର୍ଦ୍ଧାଧିକ ଚାଷୀଙ୍କ ଧାନ କ୍ରୟ ସମ୍ଭବ ହୋଇପାରିବ ନାହିଁ ବୋଲି ଧାନ କିଣାରେ ପ୍ରସାଶନିକ କଳର ସମନ୍ୱୟ ଅଭାବ ଓ ଉଦାସୀନତା ସମ୍ପର୍କରେ ଅନଶନ କାରୀ ଉଦବେଗ ପ୍ରକିଶ କରିଛନ୍ତି। ପୂର୍ବରୁ ସମସ୍ୟା ସମ୍ପର୍କରେ ବିଭାଗୀୟ ଅଧିକାରୀ ଓ ପ୍ରଶାସନ କଳକୁ ସବିଶେଷ ଜଣାଇଥିଲେ। ସଭାପତି ସଞ୍ଜୟ କରଙ୍କ ନେତୃତ୍ୱରେ, ସ୍ୱର୍ଣ୍ଣମୟୀ ଦେ, ବାସୁଦେବ ଜେନା, ଜଗନ୍ନାଥ ପ୍ରଧାନ, ସୁଶାନ୍ତ ପ୍ରଧାନ, ପାର୍ବତୀ ଦେ, ନୟନ ପାଠୀ, ସୁଶିଲ ପରିଡ଼ା, ଗୋପାଳ କୃଷ୍ଣ ଜେନା, କ୍ରୀଷ୍ଣା ମହାପାତ୍ର, ନଗେନ୍ଦ୍ର ଦେ ପ୍ରମୁଖ ଆମରଣ ଅନଶନରେ ବସିଥିଲେ।




## ପୂର୍ବତନ ବିଧାୟକ ମଦନ ମୋହନ ଦତ୍ତଙ୍କ ଶ୍ରାଦ୍ଧବାର୍ଷିକୀ

ବାଲେଶ୍ୱର, ୧୮।୬(ସମିସ): ପୂର୍ବତନ ବିଧାୟକ ମଦନ ମୋହନ ଦତ୍ତଙ୍କ ଷଷ୍ଠ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ପୁଲିସ ଲାଇନ ଛକ ନିକଟରେ ଆୟୋଜିତ କାର୍ଯ୍ୟକ୍ରମରେ ସଦର ବିଧାୟକ ମାନସ କୁମାର ଦତ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଟି ରୋଡର ଡିଭାଇଡରେ ଚାରା ରୋପଣ ସହିତ ପ୍ରେରଣା ସଂଗଠନର ସଦସ୍ୟାମାନଙ୍କୁ ସାଧୁବାଦ ଜଣାଇଥିଲେ। ପୌରାଧକ୍ଷା ସବିତା ସାହୁ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ବାଲେଶ୍ୱର ପୌର ପରିଷଦରେ ସାଂସଦଙ୍କ ପ୍ରତିନିଧି ଚିତ୍ତରଞ୍ଜନ ପଣ୍ଡା, କାଉନସିଲର ସତ୍ୟଶିବ ସୁନ୍ଦର ଦାସ ଓ ବରିଷ୍ଠ ନେତା ଗୌରାଙ୍ଗ ଦାସ ଏଥିରେ ଅନ୍ୟତମ ଅତିଥିଭାବେ ଯୋଗଦେଇ ଥିଲେ। ସଂଗଠନର ଅଧକ୍ଷା ରଶ୍ମିତା ରାଣୀ ପାଣିଗ୍ରାହୀ ଓ ସଭାନେତ୍ରୀ ସୁଚିସ୍ମିତା ପଣ୍ଡା ଏହି କାର୍ଯ୍ୟକ୍ରମରେ ନେତୃତ୍ୱ ନେବା ସହିତ ବୃକ୍ଷଚାରା ରୋପଣର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସାଧାରଣ ସମ୍ପାଦିକା ସୁସ୍ମିତା ଦାଶ, ଶ୍ୟାମଳୀ ନନ୍ଦୀ, ମୀନାକ୍ଷୀ ପଣ୍ଡା, ସସ୍ମିତା ରଣା, ଚିନ୍ମୟୀ ନାୟକ, ବନିତା ସାମଲ, ସୁତପା ବେରା, ପୂର୍ଣ୍ଣିମା ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦେବାଶିଷ ରଥ, ଅବିନାଶ ପରିଡ଼ା, ଆକାଶ ଦାସ, ସ୍ମୃତିରଞ୍ଜନ ଦାସ, ସୌରଭ ଚୌଧୁରୀ ପ୍ରମୁଖ ଏଥିରେ ସକ୍ରିୟ ସହଯୋଗ କରିଥିଲେ।



### ମଧ୍ୟାହ୍ନଭୋଜନ ଚାଉଳରେ କୀଟନାଶକ ମିଶାଇବା ଘଟଣା

## ସହକାରୀ ଶିକ୍ଷୟିତ୍ରୀ ନିଲମ୍ବିତ, ଚାଉଳ ନଷ୍ଟ ପାଇଁ ନିର୍ଦ୍ଦେଶ

ଖଇରା, ୧୮।୬(ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ବାଉଁଶଗଡ଼ିଆ ଅଧୀନ କଳମଚୁଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଚାଉଳରେ କୀଟନାଶକ ମିଶାଇବା ଘଟଣାରେ ଗ୍ରାମବାସୀଙ୍କ ଦାବିକୁ ସମର୍ଥନ ଜଣାଇ ଶିକ୍ଷା ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗୁରୁବାର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଲକ୍ଷ୍ମୀଧର ସିଂଙ୍କ ଉପସ୍ଥିତିରେ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା। ପ୍ରଥମେ କୀଟନାଶକ ମିଶାଇବା ପାଇଁ ନିର୍ଦ୍ଦେଶ ଦେଇଥିବା ସହକାରୀ ଶିକ୍ଷୟତ୍ରୀ କଳ୍ପନା ଦାସଙ୍କୁ ନିଲମ୍ବନ ପାଇଁ ଜିଲା ଶିକ୍ଷାଧିକାରୀଙ୍କୁ ସୁପାରିସ କରାଯାଇଥିଲା। ସେହିଭଳି ମାରାତ୍ମକ କୀଟନାଶକ ମିଶିଥିବା ପାଖାପାଖି ୬କୁଇଣ୍ଟାଲ ଚାଉଳ ନଷ୍ଟ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏବିଇଓଙ୍କ ବ୍ୟତିତ ସ୍ଥାନୀୟ ହରିପୁର କ୍ଲଷ୍ଟର ସିଆରସିସି ସରୋଜ କୁମାର ମହାନ୍ତି, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଜଗନ୍ନାଥ ମହାପାତ୍ର ଓ ଏନପିଏସ ସଂଘ ସଭାପତି ସୁଶାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଗୋଦାମରେ ଗଛିତ ଥିବା ଚାଉଳକୁ ସହକାରୀ ଶିକ୍ଷୟତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ରୋଷେଇ ଦାୟିତ୍ୱରେ ଥିବା ମହିଳା କୀଟନାଶକ ମିଶାଇଥିଲେ। ପରେ ଏ ବିଷୟରେ ଉକ୍ତ ମହିଳା ଜଣକ ଗ୍ରାମବାସୀଙ୍କୁ ଜଣାଇବା ପରେ ଉତ୍ୟକ୍ତ ଗ୍ରାମବାସୀ ବୁଧବାର ବିଦ୍ୟାଳୟରେ ତାଲାଦେଇ ଧାରଣାରେ ବସି ରହିଥିଲେ। ଏବିଇଓ ଗୁରୁବାର ଆଲୋଚନା ପାଇଁ ନିର୍ଦ୍ଦେଶ ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସେପଟେ ଏଭଳି ସମ୍ବେଦନଶୀଳ ଘଟଣାରେ ଖଇରା ଗୋଷ୍ଠୀ ଶିକ୍ଷାଧିକାରୀ ନାରାୟଣ ଦାସଙ୍କ ନିରବତା ଏବଂ ଏବିଇଓଙ୍କୁ ଦାୟିତ୍ୱ ଦେଇ ଚୁପ ହୋଇ ବସି ରହିବାକୁ ନେଇ ଗ୍ରାମବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି।



## ପଙ୍କଜ କୁମାର ଜେନା ପାଇଲେ କଳିଙ୍ଗ ରତ୍ନ ସମ୍ମାନ

ବାଲେଶ୍ୱର, ୧୮।୬ (ସମିସ): ବିଶ୍ୱରେ ପ୍ରଥମ କରି ନୈତିକ ଶିକ୍ଷା ଉପରେ କାମ କରି ବିଶ୍ୱ ରେକର୍ଡ ଆଉ ଆମେରିକା ବୁକ ଅଫ ରେକର୍ଡରେ ସ୍ଥାନ ପାଇଥିବା ଡ. ପଙ୍କଜ କୁମାର ଜେନାଙ୍କୁ ଦିଲ୍ଲୀ କଳିଙ୍ଗ ଭାରତୀ ଫାଉଣ୍ଡେସନ ତରଫରୁ କଳିଙ୍ଗ ରତ୍ନ ସମ୍ମାନରେ ସମ୍ମାନିତ କରିବା ପାଇଁ ନିମନ୍ତ୍ରଣ କରାଯାଇଥିଲା। ଡ଼ଃ ଜେନା ଏଥିପାଇଁ ଏକ ଛ ମାସିଆ ପାଠ୍ୟକ୍ରମ ପ୍ରସ୍ତୁତ କରି ଚର୍ଚ୍ଚାରେ ଥିଲେ। ବାପା ମା' ବୃଦ୍ଧ ଅବସ୍ଥାରେ କେମିତି ବୃଦ୍ଧାଶ୍ରମ ଯିବେନି, ସଫଳତା ପରେ ବି ବ୍ୟକ୍ତି କେମିତି ଆତ୍ମହତ୍ୟା କରୁଛି, ପୁଅବୋହୂ ମାନେ ବାପା ମା'ଙ୍କ ବି ଶୁଦ୍ଧିକ୍ରିୟାକୁ ଆସୁନାହାନ୍ତି, ଏ ସବୁ ର ସମାଧାନ ପାଇଁ ଏକ ଛଅ ମାସିଆ ପାଠ୍ୟ ଖସଡ଼ା ପ୍ରସ୍ତୁତ କରି ବିଶ୍ୱ ଦରବାରରେ ଚର୍ଚ୍ଚାରେ ଅଛନ୍ତି। ଦିଲ୍ଲୀ ଗୁରୁଗ୍ରାମ କମ୍ୟୁନିଟି ଭବନରେ ସ୍ଥାନୀୟ ବିଧାୟକ ମୁକେଶ ଶର୍ମା, ଟାସା ମାଇକ୍ରୋ ଏସ ର ପରିଚାଳନା ନିର୍ଦ୍ଦେଶକ ଅଶୋକ କୁମାର ସେନ, ମେୟର ରାଜରାଣୀ ମାଲହୋତ୍ରା, ଇଚିବାନ କର୍ପୋ ସାଇନ୍ସ ଲିମିଟେଡ଼ ନିର୍ଦ୍ଦେଶକ ଡ଼ଃ ନିଖିଳ ଅଗ୍ରୱାଲ, କ୍ୟାନ ଭାରନ ଫାଉଣ୍ଡେସନର ପ୍ରତିଷ୍ଠାତା ଡ଼ଃ ଡିପି. ଗୋଏଲ, କଳିଙ୍ଗ ଭାରତୀ ଫୋଉଣ୍ଡେସନ ଜାତୀୟ ସଭାପତି ଇଞ୍ଜିନି୍ୟ ର ଅକ୍ଷୟ କୁମାର ସାମଲ, ସଙ୍ଗୀତଜ୍ଞ ସନ୍ତୋଷ କୁମାର ରାଉତ, ସଂଗ୍ରାମ କୁମାର ପାଣିଗ୍ରାହୀ, ମଧୁମିତା ମହାପାତ୍ର, ବିଜୟ ମିଶ୍ର, ଅନିଲ ଜେନା, ପ୍ରଳୟ ବାହାଲି ଓ ପ୍ରଜାପିତା ବ୍ରହ୍ମକୁମାରୀ ଭଉଣୀ ମାନଙ୍କ ଉପସ୍ଥିତିରେ ଡ଼ଃ ପଙ୍କଜ କୁମାର ଜେନା କଳିଙ୍ଗ ରତ୍ନ ସମ୍ମାନ ଗ୍ରହଣ କରି ବାଲେଶ୍ୱର ଜିଲ୍ଲା ପାଇଁ ଗର୍ବ ଆଉ ଗୌରବ ଆଣିଛନ୍ତି। ପିଲାମାନଙ୍କୁ ପଇସା ରୋଜଗାର କରିବା ପାଇଁ ଖାଲି ପାଠ ନ ପଢ଼ାଇ, ବାପା ମା ଓ ଦେଶର କେମିତି ଯତ୍ନ ନେବେ ସେହି ଶିକ୍ଷା ଦେବାକୁ ସମସ୍ତଙ୍କୁ ଡ. ଜେନା ଅନୁରୋଧ କରିଥିଲେ।




## ସମାଜସେବୀ ବେଣୁମାଧବ ପଣ୍ଡାଙ୍କ ଶ୍ରଦ୍ଧାଞ୍ଜଳି ସଭା

ବାଲେଶ୍ୱର, ୧୮।୬(ସମିସ): ସମାଜସେବୀ, ଶିକ୍ଷାବିତ ତଥା ଯୁବନେତା ସ୍ୱର୍ଗତ ଡକ୍ଟର ବେଣୁମାଧବ ପଣ୍ଡାଙ୍କ ପଞ୍ଚମ ଶ୍ରାଦ୍ଧବାର୍ଷିକ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତଃ ପଣ୍ଡାଙ୍କ ପିତା ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଓ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ପୌରହିତ୍ୱରେ ତଥା ସମାଜସେବୀ କିଶୋର ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ ବାଲେଶ୍ୱର ରାଜ୍ୟ ଶାସକ ଦଳ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ବାଲେଶ୍ୱର ପୌରାଧକ୍ଷା ସବିତା ସାହୁ, ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ, ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ଦାଶ, ବିଜେପି ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ବିଜେପି ଉତ୍ତର ବାଲେଶ୍ୱର ସାଂଗଠନିକ ଜିଲ୍ଲା ସଭାପତି ପ୍ରଦୀପ କୁମାର ପଣ୍ଡା, ବିଜେପି ରାଜ୍ୟ ପ୍ରବକ୍ତା ଇଂ ବିଭୂପଦ ଦାସ, ଶିଳ୍ପଦ୍ୟୋଗୀ ସଞ୍ଜୟ ଦାସ, ବାଲେଶ୍ୱର ପ୍ରେସ କ୍ଲବ ସଭାପତି ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି, ବିଶିଷ୍ଟ ବ୍ୟବସାୟୀ ଲକ୍ଷ୍ମୀନାରାୟଣ ମହାନ୍ତି, କାଉନସିଲର ପଦ୍ମଲୋଚନ ଲେଙ୍କା, ବିଜେପି ନେତା ଶୁଭଙ୍କର ମହାପାତ୍ର, ମମତା ମହାପାତ୍ର, ସୁସ୍ମିତା ପଣ୍ଡା, ଯୁବନେତା ଭାଗବତ ସାହୁ, ଗୌରାଙ୍ଗ ଦାସ, ରବିନାରାୟଣ ମହାପାତ୍ର, ରାଜେଶ ମହାପାତ୍ର, ଅର୍ଚ୍ଚନା ନନ୍ଦୀ, ବାସନ୍ତୀ ନାୟକ, ପ୍ରଜ୍ଞାପାରମିତା ବିଶ୍ୱାଳ ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ପଣ୍ଡାଙ୍କ ଜୀବନାଦର୍ଶ ଓ ବହୁବିଧି ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ସ୍ୱର୍ଗତଃ ପଣ୍ଡାଙ୍କ ମାତା କୁନ୍ତଳା କୁମାରୀ ପଣ୍ଡା, ପତ୍ନୀ ସ୍ୱର୍ଣ୍ଣ ସରିତା ପଣ୍ଡା, ପୁତ୍ର ବୈଦିକ ପଣ୍ଡା, ଭାଇ ଅଂଶୁମାଧବ ପଣ୍ଡା ଓ ନୀଳମାଧବ ପଣ୍ଡା ପ୍ରମୁଖ ଏହି କାର୍ଯକ୍ରମରେ ଉପସ୍ଥିତ ଥିଲେ। ରମାକାନ୍ତ ମହାରଣା ଓ ଅର୍ଦ୍ଧେନ୍ଦୁ ଶେଖର ଦାସଙ୍କ ସମେତ ସତ୍ୟସାଇ ଇଞ୍ଜିନୟରିଂ କଲେଜ ଓ ସତ୍ୟସାଇ ଡିପ୍ଲୋମା ସ୍କୁଲର ଶିକ୍ଷକ ଶିକ୍ଷୟତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।




## ଜିଲ୍ଲାସ୍ତରୀୟ ମକ୍‌ଡ୍ରିଲ ନିମନ୍ତେ ଟେବୁଲ ଟପ୍ ଏକ୍ସରସାଇଜ

ବାଲେଶ୍ୱର, ୧୮।୬ (ସମିସ)




ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଆଜି ଟେବୁଲ ଟପ ଏକସରସାଇଜ ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଡିଟୋରିଓମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବାଲେଶ୍ୱର ସଦର ବ୍ଲକ ଓ ବାଲେଶ୍ୱର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଅନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ। ସମ୍ଭାବ୍ୟ ବନ୍ୟା, ବାତ୍ୟା ଏବଂ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ କିଭଳି ପୂର୍ବ ପ୍ରସ୍ତୁତି କରାଯାଇପାରିବ ସେ ସମ୍ପର୍କରେ ଏହି ବୈଠକରେ ଆଲୋଚନା କରାଯାଇଥିଲା। ଉପକୂଳବର୍ତ୍ତି ବାଲେଶ୍ୱର ଜିଲ୍ଲାରେ ବାତ୍ୟା ଏବଂ ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଅନେକ କ୍ଷୟକ୍ଷତି ହେଉଥିବା ବେଳେ ଉପଯୁକ୍ତ ଯୋଜନା ପ୍ରସ୍ତୁତି ଦ୍ୱାରା ଧନଜୀବନର ସୁରକ୍ଷା ହୋଇପାରିବ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ। ପୂର୍ବ ବର୍ଷ ଭଳି ଜିଲ୍ଲାର ବନ୍ୟା ଓ ବାତ୍ୟା ପ୍ରବଣ ଅଞ୍ଚଳର ଲୋକମାନଙ୍କୁ ବିପର୍ଯ୍ୟୟ ପ୍ରଶମନ ଓ ମୁକାବିଲାର ବିଭିନ୍ନ ଉପାୟ, ଅନୁସନ୍ଧାନ, ଉଦ୍ଧାର ଓ ପ୍ରାଥମିକ ଚିକିତ୍ସା କାର୍ଯ୍ୟ ସମ୍ବନ୍ଧରେ ସଚେତନ କରିବା ପାଇଁ ଆସନ୍ତା ଜୁନ ୧୯ ତାରିଖରେ ଏକ ମକଡ୍ରିଲ ଲାଗି ଆଜିର ବୈଠକରେ ନିଷ୍ପତ୍ତି ନିଆଯାଇଛି। ବନ୍ୟା ବାତ୍ୟା ଭଳି ଆକସ୍ମିକ ପ୍ରାକୃତିକ ବିପର୍ଯ୍ୟୟରୁ ଧନ ଜୀବନକୁ ରକ୍ଷା କରି ଶୂନ୍ୟମୃତ୍ୟୁ ଆଭିମୁଖ୍ୟକୁ ସାକାର କରିବା ପାଇଁ ପ୍ରସ୍ତୁତି କୁ ସଦା ସର୍ବଦା ସଜାଗ ରହିବା ପାଇଁ ବିଭିନ୍ନ ଦିଗକୁ ନେଇ ଏହି ବୈଠକରେ ଆଲୋଚନା ହୋଇଥିଲା ଓ ଜିଲ୍ଲାର ବିଭିନ୍ନ ବ୍ଲକରେ ଅବସ୍ଥିତ ୧୪୪ ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଏବଂ ବନ୍ୟା ଆଶ୍ରୟସ୍ଥଳୀରେ ଏହି ମକଡ୍ରିଲ ଅନୁଷ୍ଠିତ ହେବ। ସେହିପରି ରେଡକ୍ରସ ଦ୍ୱାରା ପରିଚାଳିତ ୧୨ଟି କେନ୍ଦ୍ରରେ ମଧ୍ୟ ଏହା ଅନୁଷ୍ଠିତ ହେବ। ମକଡ୍ରିଲ ପୂର୍ବରୁ ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକର ଅବସ୍ଥା, ସେଠାରେ ଥିବା ଯନ୍ତ୍ରପାତିଗୁଡ଼ିକୁ ପରୀକ୍ଷାନିରୀକ୍ଷା କରି ଆବଶ୍ୟକୀୟ ଜରୁରୀ ସରଞ୍ଜାମ ଠିକ ଅଛି କି ନାହିଁ, ସେ ବାବଦରେ ସ୍ଥାନୀୟ ବିଡିଓ କିମ୍ବା ଜିଲ୍ଲା ଜରୁରୀକାଳୀନ ଅଧିକାରୀଙ୍କୁ ଆଶ୍ରୟସ୍ଥଳୀ ସେକ୍ରେଟାରୀ ଓ ଅଗ୍ନିଶମ ଅଧିକାରୀ ମାନେ ଅବଗତ କରାଇବେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ପର୍ଯ୍ୟବେକ୍ଷକ ଆରଣ୍ୟକ ମିଶ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଦିଲ୍ଲୀପ କୁମାର ଜେନା, ପୌରପାଳିକା ଗୁଡ଼ିକର କାର୍ଯ୍ୟ ନିର୍ବାହୀ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଏନ.ଡି.ଆର.ଏଫ, ଓ.ଡ୍ରା.ଫ ବାହିନୀ, ସ୍ୱେଚ୍ଛାସେବୀ ସଂଗଠନ, ଆପଦ ମିତ୍ର, ସିଭିଲ ଡିଫେନ୍ସ, ଅଗ୍ନିଶମ ବିଭାଗ ଅଧିକାରୀ, ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀମାନେ ଏବଂ ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀ ଗୁଡ଼ିକର ସଭାପତି ଓ ସମ୍ପାଦକ ମାନେ ଯୋଗଦାନ କରିଥିଲେ। ଜିଲ୍ଲା ପ୍ରକଳ୍ପ ଅଧିକାରୀ ଅବନୀ କାନ୍ତ ଭୂୟାଁ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ। ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଚିନ୍ମୟ କୁମାର ରାଉତ ଧନ୍ୟବାଦ ଦେଇଥିଲେ।

# ଆଜି ପହଞ୍ଚିବେ ରାଷ୍ଟ୍ରପତି, ୨୦ରେ ଆସିବେ ପ୍ରଧାନମନ୍ତ୍ରୀ

- ମୟୂରଭଞ୍ଜ ମାଟିରେ ପ୍ରଥମଥର ଲାଗି ଏକା ସାଙ୍ଗରେ ଦୁଇ ରାଷ୍ଟ୍ରମୁଖ୍ୟ
- ସଜେଇ ହେଉଛି ପାହାଡ଼ପୁର, ଅପେକ୍ଷା କରିଛି ରାଇରଙ୍ଗପୁର
- ରାଷ୍ଟ୍ରପତିଙ୍କ ଜନ୍ମଦିନରେ ମୟୂରଭଞ୍ଜକୁ ବଡ଼ ଭେଟି ଦେବେ ପ୍ରଧାନମନ୍ତ୍ରୀ
- ୫୦ ହଜାର କୋଟିରୁ ଊର୍ଦ୍ଧ୍ୱ ୪୦ଟି ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ
- ପ୍ରସ୍ତୁତି ଚୂଡ଼ାନ୍ତ, କଡ଼ା ସୁରକ୍ଷା ବଳୟ ଭିତରେ ହେବ ପୂରା କାର୍ଯ୍ୟକ୍ରମ

ବାରିପଦା, ୧୮।୬(ସମିସ): ଶୁକ୍ରବାର ଓ ଶନିବାର ମୟୂରଭଞ୍ଜ ଲାଗି ଏକ ଐତିହାସିକ ଦିନ। ପ୍ରଥମଥର ଲାଗି ଦେଶର ଦୁଇ ରାଷ୍ଟ୍ରମୁଖ୍ୟ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକା ସାଙ୍ଗରେ ମୟୂରଭଞ୍ଜ ମାଟିରେ ପାଦ ଦେବେ। ଜୁନ ୨୦ ତାରିଖ ଶନିବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜନ୍ମଦିନ ନିମନ୍ତ୍ରଣ ରକ୍ଷା କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ଜନ୍ମମାଟି ପାହାଡପୁରକୁ ଆସୁଛନ୍ତି। ତତସହିତ ଓଡ଼ିଶାରେ ନୂତନ ବିଜେପି ସରକାରର ୨ ବର୍ଷ ପୂର୍ତ୍ତି ସମାରୋହରେ ଉଭୟ ଯୋଗଦେବାକୁ ଥିବାବେଳେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରୀମଣ୍ଡଳ ସାମିଲ ହେଉଥିବାରୁ ସମଗ୍ର ମୟୂରଭଞ୍ଜ ଜିଲ୍ଲାରେ ବର୍ତ୍ତମାନ ପ୍ରଶାସନିକ ତତ୍ପରତା ସହିତ ରାଜନୈତିକ ଗତିବିଧି ଚଳଚଞ୍ଚଳ ହୋଇପଡ଼ିଛି। ଏହି କାର୍ଯ୍ୟକ୍ରମ ଲାଗି ପାହଡପୁରଠାରୁ ନେଇ ରାଇରଙ୍ଗପୁର ପର୍ଯ୍ୟନ୍ତ ପ୍ରସ୍ତୁତି ଜୋରଦାର ଚାଲିଛି। ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିବା ଲଗି ପୂରା ପାହାଡପୁର ସଜେଇ ହୋଇଛି।

ଆସନ୍ତାକାଲି ଅପରାହ୍ନ ୩.୧୫ ମିନିଟ ସମୟରେ ପ୍ରଥମେ ରାଷ୍ଟ୍ରପତି ଦାଣ୍ଡବୋଷ ଏୟାର ଷ୍ଟ୍ରିପରେ ଓହ୍ଲାଇ ସଡ଼କ ପଥରେ ଯାଇ ୩.୩୦ ମିନିଟରେ ତାଙ୍କ ରାଇରଙ୍ଗପୁର ବାସଭବନକୁ ଯାଇ ବିଶ୍ରାମ ନେବେ। ସନ୍ଧ୍ୟା ୬ଟାରୁ ୬ଟା ୩୦ମିନିଟ ପର୍ଯ୍ୟନ୍ତ ପୂର୍ବରୁ ଅନୁମତିପ୍ରାପ୍ତ ବ୍ୟକ୍ତି ବିଶେଷଜ୍ଞ ସହିତ ସାକ୍ଷାତ କାର୍ଯ୍ୟକ୍ରମ ରହିଛି। ୨୦ ତାରିଖରେ ତାଙ୍କ ଜନ୍ମଦିନ ଅବସରରେ ପୂର୍ବାହ୍ନ ୧୦.୨୦ ମିନିଟରେ ବାହାରି ଦାଣ୍ଡବୋଷ ଏୟାରଷ୍ଟ୍ରିପରୁ ହେଲିକପ୍ଟରରେ ଯାଇ ସଡ଼କ ପଥରେ ଦିଘିଆବେଡା ହେଲିପ୍ୟାଡରେ ୧୦ଟା ୪୫ ମିନିଟରେ ପହଞ୍ଚି ସଡ଼କ ପଥରେ ପାହାଡପୁର ଯିବେ। ପୂର୍ବାହ୍ନ ୧୧.୫ ମିନିଟ୍‌ରେ ପ୍ରଧାନମନ୍ତ୍ରୀ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ କରି ସାଙ୍ଗରେ ନେଇ ପ୍ରଥମେ ଗାଁର ଆଦିବାସୀଙ୍କ ସାମାଜିକ ଓ ଧାର୍ମିକ କେନ୍ଦ୍ର ପାରମ୍ପରିକ ଗୋଷାଣୀ ପୀଠକୁ ଯାଇ ପୂଜାର୍ଚ୍ଚନା କରିବେ। ସେଠାରୁ ଦୁହେଁ ସାନ୍ତାଳୀ ଜାହିରା ଦର୍ଶନ କରିବା ପରେ ହୋ-ମୁଣ୍ଡା ଜାହିରାକୁ ମଧ ଯିବେ। ସେଠାରୁ ଦିନ ୧୧ଟା ୨୫ ମିନିଟରେ ନିକଟସ୍ଥ ଦକ୍ଷତା ବିକାଶ କେନ୍ଦ୍ରକୁ ଯାଇ ପ୍ରଶିକ୍ଷଣ ପରେ ଚାକିରି ପାଇଥିବା ଯୁବକ/ଯୁବତୀଙ୍କ ସହିତ ଆଲୋଚନା କରିବେ।





ଶେଷରେ ରାଷ୍ଟ୍ରପତିଙ୍କ ସ୍ୱର୍ଗତ ସ୍ୱାମୀ ଓ ଦୁଇ ପୁତ୍ରଙ୍କ ସ୍ମୃତିରେ ପାହାଡପୁରଠାରେ ପ୍ରତିଷ୍ଠିତ ଏସଏଲଏସ ମେମୋରିଆଲ ସ୍କୁଲକୁ ଯାଇ ସେମାନଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଦେବା ପରେ ଛାତ୍ରଛାତ୍ରୀଙ୍କୁ ଭେଟିବା ସହ ସ୍ଥାନୀୟ ଲୋକଙ୍କ ସହିତ ଭାବବିନିମୟ କରିବେ। ସ୍କୁଲ ପଡ଼ିଆରେ ଆୟୋଜିତ ଏକ ଆଞ୍ଚଳିକ ହସ୍ତଶିଳ୍ପ ମେଳାକୁ ପରିଦର୍ଶନ କରିବେ ବୋଲି କହିଛନ୍ତି ଏସଏଲଏସ ସ୍କୁଲର ଉପାଧକ୍ଷ ମୁନା ପ୍ରତିହାରୀ। ପରେ ଦୁଇ ରାଷ୍ଟ୍ରମୁଖ୍ୟ ଦିନ ୧ଟାରେ ହେଲିକପ୍ଟର ଯୋଗେ ଦାଣ୍ଡବୋଷ ଏୟାର ଷ୍ଟ୍ରିପଠାରେ ପହଞ୍ଚିବେ। ସେଠାରେ ଆୟୋଜିତ ଏକ ବିଶାଳ ସାଧାରଣ ସଭାରେ ପ୍ରାୟ ୫୦ ହଜାର ଉପସ୍ଥିତ ସାଧାରଣ ଜନତାଙ୍କୁ ଉଦବୋଧନ ଦେବା ସହିତ ଏହି ମଞ୍ଚରୁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ମିଳିତ ଭାବେ ଓଡ଼ିଶା ଓ ମୟୂରଭଞ୍ଜ ଜିଲ୍ଲାରେ ୫୦ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ୪୦ଟି ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିମଧ୍ୟରେ ବହୁ ପ୍ରତୀକ୍ଷିତ ରେଳବାଇ ପ୍ରକଳ୍ପ, ମେଗା କୋଲ ଗ୍ୟାସିଫିକେସନ ପ୍ରକଳ୍ପର ଶୁଭ ଉଦଘାଟନ ରହିଛି। ସେହିପରି କୁସୁମୀ ବ୍ଲକଠାରେ ଆଇଆଇଏଫଏମ ଦ୍ୱିତୀୟ କ୍ୟାମ୍ପସର ଶିଳାନ୍ୟାସ ଓ ରାଇରଙ୍ଗପୁର ବାଇଦାପୋଷିସ୍ଥ ନୂତନ ସ୍ପୋର୍ଟ୍ସ କମ୍ପ୍ଲେକ୍ସର ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଆଇଟି ସ୍ୱତନ୍ତ୍ର ଅର୍ଥନୈତିକ କ୍ଷେତ୍ର, ଭାରତୀୟ ସୂଚନା ପ୍ରଯୁକ୍ତି ପ୍ରତିଷ୍ଠାନ, ଆଦିବାସୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଓୟୁଏଟି କ୍ୟାମ୍ପସ ଓ ଏକ ଆୟୁର୍ବେଦିକ ମେଡିକାଲ କଲେଜ ଓ ହସ୍ପିଟାଲର ଶିଳାନ୍ୟାସର କାର୍ଯ୍ୟକ୍ରମ ରହିଛି। ଅପରାହ୍ନ ୨ଟା ସମୟରେ ପ୍ରଧାନମନ୍ତ୍ରୀ ସେଠାରୁ ଫେରିଯିବାକୁ ଥିବାବେଳେ ରାଷ୍ଟ୍ରପତି ନିଜ ରାଇରଙ୍ଗପୁର ବାସଭବନରେ ମଧାହ୍ନଭୋଜନ କରି ଦିନ ୩ଟା ୩୦ ମିନିଟରେ ଫେରିଯିବାର କାର୍ଯ୍ୟସୂଚୀ ରହିଛି। ବାଦାମପାହାଡ ନିକଟ ପାହାଡ଼ପୁର ଓ ଦିଘିଆବେଡା ଠାରେ ଅସ୍ଥାୟୀ ହେଲିପ୍ୟାଡ ନିର୍ମାଣ ହୋଇଛି। ପାହାଡ଼ପୁର ଗ୍ରାମ ସହିତ ରାଇରଙ୍ଗପୁର ସହରର ସାଜସଜ୍ଜା, ଦାଣ୍ଡବୋଷସ୍ଥ ଏୟାରଷ୍ଟ୍ରିପରେ ହେଲିପ୍ୟାଡ ନିର୍ମାଣ ସହ ସେଠାରେ ସଭାସ୍ଥଳର ନିର୍ମାଣ ଓ ସାଜସଜ୍ଜା ଆଦି କାର୍ଯ୍ୟ ପ୍ରଶାସନ ପକ୍ଷରୁ ଜୋରଦାର କରାଯାଉଛି। ସେହିପରି ଗ୍ରାମବାସୀ ମଧ ନିଜ ଘର କାନ୍ଥକୁ ପାରମ୍ପରିକ ଆଦିବାସୀ ଚିତ୍ରରେ ସଜାଇ ଉଭୟ ରାଷ୍ଟ୍ରମୁଖ୍ୟଙ୍କ ଆଗମନକୁ ଉତ୍ସାହର ସହ ବାଟ ଚାହିଁ ବସିଛନ୍ତି।

### ସୁରକ୍ଷା ବ୍ୟବସ୍ଥା

ଏକାସଙ୍ଗେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଏଭଳି ଗସ୍ତକୁ ନେଇ ସୁରକ୍ଷା ବ୍ୟବସ୍ଥାକୁ ଘନ ଘନ ଯାଞ୍ଚ ଓ ସମୀକ୍ଷା କରୁଛନ୍ତି ପୁଲିସ ମହାନିର୍ଦ୍ଦେଶକ। ସୁରକ୍ଷା ବ୍ୟବସ୍ଥାରେ ୧୩୫ ପ୍ଲାଟୁନ ପୁଲିସ ଫୋର୍ସ, ୫ କମ୍ପାନୀ କେନ୍ଦ୍ରୀୟ ଫୋର୍ସ, ଦୁଇଜଣ କମାଣ୍ଡାଣ୍ଟ, ୧୦ ଜଣ ବରିଷ୍ଠ ଆଇପିଏସ ଅଫିସରଙ୍କୁ ନିୟୋଜିତ କରାଯିବ ବୋଲି ସୂଚନା ମିଳିଛି।

### ବ୍ୟାପକ ଯାନବାହନ ବ୍ୟବସ୍ଥା

ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ସୁରୁଖୁରୁରେ ଶେଷ କରିବା ଓ କଡ଼ା ସୁରକ୍ଷା ବ୍ୟବସ୍ଥା ନିଶ୍ଚିତ କରିବା ପାଇଁ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ପକ୍ଷରୁ ବ୍ୟାପକ ସଂଖ୍ୟକ ଗାଡ଼ି ବ୍ୟବସ୍ଥା ହୋଇଛି। ପୁଲିସ ଓ ସରକାରୀ ଅଧିକାରୀଙ୍କ ଯାତାୟାତ ଓ ସାଧାରଣ ବ୍ୟବସ୍ଥା ପରିଚାଳନା ଭଳି ପ୍ରଶାସନିକ କାର୍ଯ୍ୟ ପାଇଁ ଆରଟିଓଙ୍କ ପକ୍ଷରୁ ମୋଟ୍ ୪୬୦ଟି ବସ୍, ୩୫ଟି ବୋଲେରୋ, ୧୪ଟି ଇନୋଭା, ୪ଟି ସ୍କୋର୍ପିଓ, ୪୦ଟି ଆର୍ଟିଗା ଓ ୪ଟି ପିକଅପ୍ ଗାଡ଼ିର ବ୍ୟବସ୍ଥା କରାଯାଇଛି। ଅପରପକ୍ଷରେ ଭିଭିଆଇପିଙ୍କ କାରକେଡ୍ ସହ ସୁରକ୍ଷା ବାହିନୀର ସୁଗମ ଯାତାୟାତ ଓ କଡ଼ା ନଜର ରଖିବା ପାଇଁ ପୁଲିସ ବିଭାଗକୁ ବ୍ୟାପକ ଯାନବାହନ ଯୋଗାଇ ଦିଆଯାଉଛି। ଏହି ସୁରକ୍ଷା ବ୍ୟବସ୍ଥାରେ ମୋଟ୍ ୧୬୦ଟି ଇନୋଭା, ୫୦ଟି ସ୍କୋର୍ପିଓ, ୧୫୦ଟି ବୋଲେରୋ ଓ ୪୦ଟି ବସ୍ ନିୟୋଜିତ ହେବେ। ଏଥିସହିତ ସାମଗ୍ରୀ ପରିବହନ ଓ ଜରୁରିକାଳୀନ ଆବଶ୍ୟକତା ପାଇଁ ୬ଟି ଟ୍ରକ୍, ୮ଟି ପିକଅପ୍, ୪ଟି ଓପନ୍ ଜିପ୍ କିମ୍ବା କ୍ୟାମ୍ପର, ୫ଟି ଫୋର୍ସ ଟ୍ରାଭେଲର, ୩ଟି ଅତ୍ୟାଧୁନିକ ଅର୍ବାନିଆ ଟ୍ରାଭେଲର ଗାଡ଼ିକୁ ମଧ ଏହି ଦାୟିତ୍ୱରେ ଲଗାଯାଇଛି। ଯାତାୟାତ ସମୟରେ ଯଦି କୌଣସି ଗାଡ଼ି ଖରାପ ହୁଏ କିମ୍ବା ଅନ୍ୟକୌଣସି ଜରୁରୀ ପରିସ୍ଥିତି ଉପୁଜେ, ତେବେ ତାହାର ତୁରନ୍ତ ମୁକାବିଲା ପାଇଁ ପୁଲିସ ବାହିନୀ ସହ ୫ଟି କ୍ରେନ୍ ମଧ ମୁତୟନ ରହିବ ବୋଲି ସୂଚନା ମିଳିଛି। ଗସ୍ତ ସମୟରେ ଯେପରି କୌଣସି ପ୍ରକାରର ପରିବହନ ବ୍ୟାଘାତ ନ ଘଟେ, ସେଥିପାଇଁ ସ୍ଥାନୀୟ ପ୍ରଶାସନ ଓ ଆରଟିଓ ମିଳିତ ଭାବେ ୨୪ ଘଣ୍ଟିଆ ନଜର ରଖିଛନ୍ତି।

### ଗଣମାଧ୍ୟମକୁ ପାହାଡ଼ପୁର ମନା

ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମର ଖବର ଓ ଦୃଶ୍ୟ ସଂଗ୍ରହ, ପ୍ରସାରିତ କରିବା ପାଇଁ ବହୁ ସଂଖ୍ୟାରେ ଗଣମାଧ୍ୟମ ପ୍ରତିନିଧି ପହଞ୍ଚିବାର ସମ୍ଭାବନା ଥିବାରୁ କଡ଼ା ସୁରକ୍ଷା ପ୍ରୋଟୋକଲ ଯୋଗୁଁ ସେମାନଙ୍କୁ ପାହାଡପୁର ଯିବାକୁ ଅନୁମତି ନ ଥିବାବେଳେ ଦାଣ୍ଡବୋଷ ଏୟାରଷ୍ଟ୍ରିପ ନିକଟ ସାଧାରଣ ସମାବେଶ ପାଇଁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ଅନୁମତିପ୍ରାପ୍ତ ଗଣମାଧ୍ୟମ ପ୍ରତିନିଧି ନିଜ ପାସକାର୍ଡ ସହିତ ଯୋଗ ଦେଇପାରିବେ। ସୁରକ୍ଷା ବ୍ୟବସ୍ଥାରେ ଯେପରି କୌଣସି ତ୍ରୁଟି ନ ରହେ, ସେଥିପାଇଁ ପୁଲିସ ଓ ପ୍ରଶାସନ ପକ୍ଷରୁ ସାମ୍ବାଦିକ ବନ୍ଧୁମାନଙ୍କ ସହଯୋଗ କାମନା କରାଯାଇଛି।

## ବୁଢ଼ା ରାଉଳେଶ୍ୱର ମନ୍ଦିରରେ ଶିବ ବିବାହ ଉତ୍ସବ



ବାରିପଦା, ୧୮।୬(ସମିସ): ବାରିପଦାର ପ୍ରସିଦ୍ଧ ଐତିହାସିକ ଶୈବପୀଠ ବାବା ବୁଢ଼ା ରାଉଳେଶ୍ୱରଙ୍କ ମନ୍ଦିରରେ ଶୀତଳ ଷଷ୍ଠୀ ଅବସରରେ ଶିବ ବିବାହ ଶାସ୍ତ୍ରୀୟ ବିଧି ମୁତାବକ ଆଜି ଅନୁଷ୍ଠିତ ହୋଇଯାଇଛି। ପ୍ରଭୁଙ୍କ ଚଳନ୍ତି ପ୍ରତୀମା ବେଢ଼ା ପରିକ୍ରମା କରିବା ପରେ ନାଟ ମନ୍ଦିରରେ ନିର୍ମିତ ବିବାହ ବେଦୀକୁ ଆସିଥିଲେ। ଦେବ ଦେବ ମହାଦେବଙ୍କ ବିବାହ ଉତ୍ସବରେ ଯୋଗଦେଇଥିବା ଶ୍ରଦ୍ଧାଳୁଙ୍କ ହରିବୋଲ, ହୁଳହୁଳି ସହ ସଂକୀର୍ତ୍ତନରେ ମନ୍ଦିର ମଧରେ ଆଧାତ୍ମିକ ଭାବ ଜାଗ୍ରତ ହୋଇଥିଲା। ଏହି ସ୍ୱୟଂଭୁ ପୀଠ ଦୀର୍ଘ ୭୦୦ ବର୍ଷର ହୋଇଥିବାବେଳେ ୧୯୮୧ ମସିହାଠାରୁ ଏହି ମନ୍ଦିରରେ ଶିବ-ପାର୍ବତୀଙ୍କ ବିବାହ ନୀତି ପାଳିତ ହୋଇଆସୁଛି। ଯାହାକି ବାରିପଦା ସହରର ସର୍ବପୁରାତନ। ଶୀତଳ ଷଷ୍ଠୀର ୩ ଦିନ ପୂର୍ବରୁ ମଙ୍ଗଳାର୍ପଣ ନୀତି ସହ ଲଗ୍ନଧରା କାର୍ଯ୍ୟ ଅନୁଷ୍ଠିତ ହୋଇଥିବାବେଳେ ଗୁରୁବାର ମନ୍ଦିର ପୂଜକ ସୁଦର୍ଶନ ଦ୍ୱିବେଦୀଙ୍କ ତତ୍ତ୍ୱାବଧାନରେ ଦେବ ଦମ୍ପତିଙ୍କ ବିବାହ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ସନତ ଜୀଉ ଓ ତାଙ୍କ ଧର୍ମପତ୍ନୀ ପ୍ରତିଭା ମଞ୍ଜରୀ ଜୀଉ ବର ପିତାମାତା ଓ ରାଜଲକ୍ଷ୍ମୀ ବେହେରା ଓ ତାଙ୍କ ପତି ହରେରାମ ବେହେରା କନ୍ୟାଙ୍କ ମାତାପିତା ଭାବେ ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଏହି କାର୍ଯ୍ୟରେ ମନ୍ଦିର ପୂଜକ, ସମିତିର ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ସହିତ କନ୍ୟା ଓ ବର ପକ୍ଷର ସଦସ୍ୟ ଓ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

● ପଳାସବଧା ଗ୍ରାମରେ ଛଉ ପର୍ବ

## ବନବାସୀ ନୃତ୍ୟରେ ଝୁମିଲେ ଦର୍ଶକ



ମୋରଡ଼ା, ୧୮।୬(ସମିସ): ରଜପର୍ବ ଉପଲକ୍ଷେ ମୋରଡ଼ା ପଞ୍ଚାୟତର ପଳାସବଧା ଗ୍ରାମରେ ପ୍ରତିବର୍ଷ ଭଳି ଛଉ ପର୍ବ ଅନୁଷ୍ଠିତ ହୋଇଯାଇଛି। ଦୁଇଦିନ ଧରି ଅନୁଷ୍ଠିତ ହୋଇଥିବା ଉକ୍ତ ଛଉ ପର୍ବରେ ଉତ୍ତରସାହି ଓ ଦକ୍ଷିଣସାହି ଅନୁଷ୍ଠାନ ପକ୍ଷରୁ ମଲ୍ଲିକା ଅର୍ଜୁନ, ବନବାସୀ, ଗୁରୁଶିଷ୍ୟ, ଚାଷୀମୁଲିଆ, ମାଖନ ଚୋରି, ବଗ ପଞ୍ଚମୀ ଓ କରମ ରାଜା, ଅର୍ପଣ, କେଉଟକେଉଟୁଣୀ, ଗରୁଡ଼ ବାହାନ, କାଳିଆ ଦଳନ, ପୋଟଳ ମଣି, ଶ୍ରୀକୃଷ୍ଣ ବାଲ୍ୟ ଲୀଳା ଆଦି ନୃତ୍ୟ ପରିବେଷଣ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଉତ୍ତରସାହିର ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ମହାନ୍ତ, ଚୈତନ୍ୟ ମହାନ୍ତ, ସତ୍ୟରଞ୍ଜନ ମହାନ୍ତ, ଅରବିନ୍ଦ ମହାନ୍ତ, ପ୍ରଭୁଦତ୍ତ ମହାନ୍ତ, ଉତ୍ପଳ ମହାନ୍ତ, ଲକ୍ଷ୍ମୀନାରାୟଣ ମହାନ୍ତ ଓ ଦକ୍ଷିଣସାହି ପ୍ରତିଷ୍ଠାନର ସଭାପତି ଅତୁଲ ଚନ୍ଦ୍ର ମହାନ୍ତ, ସମ୍ପାଦକ ରମାକାନ୍ତ ମହାନ୍ତ ମଞ୍ଚ ପରିଚାଳନା କରିଥିଲେ। ଜୟନ୍ତ ମହାନ୍ତ, ଭଞ୍ଜକିଶୋର ମହାନ୍ତ, ମନୋରଞ୍ଜନ ମହାନ୍ତ, ଦେବାଶିଷ ମହାନ୍ତ, ଶଙ୍କର ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

## ଠାକୁରମୁଣ୍ଡା କନ୍ୟାଶ୍ରମ ସଫେଇ



ମହୁଲଡିହା, ୧୮।୬(ସମିସ): ଗ୍ରୀଷ୍ମ ଅବକାଶ ପରେ ସ୍କୁଲ ଖୋଲୁଥିବାରୁ ଠାକୁରମୁଣ୍ଡା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ଏସଏଚଜି ମହିଳା ସଫେଇ କରିଛନ୍ତି। ନାରୀ ଶକ୍ତି ଏସଏଚଜି ବାଳିକା ବିଦ୍ୟାଳୟରେ ମଧାହ୍ନଭୋଜନ ପରିଚାଳନା ଓ ୫ଟି ବିଭାଗରେ ଦାୟିତ୍ୱ ନିର୍ବାହ କରୁଥିବାରୁ ସ୍କୁଲର ଶିକ୍ଷକଙ୍କ ସହ ମିଶି ସଫେଇ କରିଥିବା ଦେଖିବାକୁ ମିଳିଛି। ପ୍ରଧାନଶିକ୍ଷକ ବଳରାମ ସ୍ୱାଇଁ ଓ ନାରୀ ଶକ୍ତି ଏସଏଚଜି ସମ୍ପାଦିକା ସୁଶୀଳା ସାହୁଙ୍କ ନେତୃତ୍ୱରେ ମହିଳାମାନେ ସ୍କୁଲ ପରିବେଶ, ଶ୍ରେଣୀ କକ୍ଷ, ବାଥରୁମ, ରୋଷେଇ ଘର ଆଦି ସଫା କରିଛନ୍ତି।

## ପରିବେଶ ଫାଉଣ୍ଡେସନ ପକ୍ଷରୁ ଗୋଷ୍ଠୀ ଯୋଜନା କର୍ମଶାଳା

ଉଦଳା, ୧୮।୬(ସମିସ): ଉଦଳା ବ୍ଲକ ଅନ୍ତର୍ଗତ ବଡ଼ସିଙ୍ଗାରିଆ ପଞ୍ଚାୟତର ମଧୁସାହି ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ପରିବେଶ ଫାଉଣ୍ଡେସନ ଓ ଯୁବ ବିକାଶ ଫାଉଣ୍ଡେସନ୍ ପକ୍ଷରୁ ପଞ୍ଚାୟତସ୍ତରୀୟ ଗୋଷ୍ଠୀ ଯୋଜନା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜଳ ନିରାପତ୍ତା ଗ୍ରାମ କାର୍ଯ୍ୟକ୍ରମ ଅନ୍ତର୍ଗତ ଏହି କର୍ମଶାଳାରେ ପରିବେଶ ଫାଉଣ୍ଡେସନର ଅଧକ୍ଷ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଗୋବିନ୍ଦ ବଲ୍ଲଭ ଦଳାଇ, ଗ୍ରାମ ବିକାଶ ଫାଉଣ୍ଡେସନର ସନ୍ତୋଷ ପାତ୍ର, ବଡସିଙ୍ଗାରିଆ ପଞ୍ଚାୟତର ସରପଞ୍ଚ ସୁନାରାମ ହାଁସଦା, ଲେବେନ୍ଦ୍ର ନାଥ ଟୁଡୁ, ଶିକ୍ଷକ ଗୌରୀ ଶଙ୍କର ରାଜ, ଅସିତ କୁମାର ଦଳାଇ, ଦେବେନ୍ଦ୍ର ରାଉଳ ପ୍ରମୁଖ ଉପସ୍ଥିତ ରହି ସରକାରୀ ଯୋଜନା ବିଷୟରେ ଜଣାଇବା ସହ ଜଳ ସଂରକ୍ଷଣ କରି କିପରି ଗାଁକୁ ସୁଜଳା ସୁଫଳା କରିବା ସହ ସ୍ୱଚ୍ଛ ପାନୀୟଜଳ ସମସ୍ତଙ୍କୁ ମିଳିପାରିବ, ସେ ବିଷୟରେ ଅବଗତ କରିଥିଲେ।

ଏହି କାର୍ଯ୍ୟକ୍ରମକୁ ରାଖାଲ ମାଇତି, ସୁଜୟ ପାତ୍ର, ଭୀମ ଚରଣ ମହାନ୍ତ, ଶୁଭସ୍ମିତା ମହାନ୍ତି, ଦୀନବନ୍ଧୁ ରାଉତ, ସଞ୍ଜୁକ୍ତା ବେହେରା, ଭାଗ୍ୟଲକ୍ଷ୍ମୀ ରାଉତ, ଜିତେନ୍ଦ୍ର ମହନ୍ତ, ଜଗଦୀଶ ପରିଡ଼ା, ଯମୁନା ମଣ୍ଡଳ, ପୂର୍ଣ୍ଣଚନ୍ଦ୍ର ଜେନା, ହେମନ୍ତ ନାୟକ ପରିଚାଳନା କରିଥିଲେ। ବଡ଼ସିଙ୍ଗାରିଆ ପଞ୍ଚାୟତରର ସମସ୍ତ ଗ୍ରାମ୍ୟ ଉନ୍ନୟନ କମିଟିର ପ୍ରମୁଖ ସଦସ୍ୟ ଯୋଗଦେଇଥିଲେ। ପରିବେଶ ଫାଉଣ୍ଡେସନ ଏକ ସ୍ୱେଚ୍ଛାସେବୀ, ଅଣଲାଭକାରୀ ସାମାଜିକ ସଂସ୍ଥା। ଯାହା ଗ୍ରାମୀଣ ଅଞ୍ଚଳର ଲୋକଙ୍କ ସାମାଜିକ, ଆର୍ଥିକ ଓ ପରିବେଶଗତ ଉନ୍ନତି ପାଇଁ ନିରନ୍ତର କାର୍ଯ୍ୟ କରୁଛି। ବିଶେଷକରି ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର ଗ୍ରାମାଞ୍ଚଳରେ ଜଳ ସଂରକ୍ଷଣ, ପୋଖରୀ ଓ ଜଳାଶୟ ପୁନରୁଦ୍ଧାର, ପରିବେଶ ସୁରକ୍ଷା, ପ୍ରାକୃତିକ ଚାଷ, ଦେଶୀ ବିହନ ସଂରକ୍ଷଣ, ଜୀବିକା ବିକାଶ, ମହିଳା ସଶକ୍ତୀକରଣ ଓ ଯୁବକ/ଯୁବତୀଙ୍କ ବିକାଶ କ୍ଷେତ୍ରରେ ସଂଗଠନ କାମ କରୁଛି। ଏହା ହେଉଛି, ଗାଁର ବିକାଶ ହେଲେ ଦେଶର ବିକାଶ ହେବ। ସେଥିପାଇଁ ଗ୍ରାମବାସୀଙ୍କ ସହଭାଗିତାରେ ଗାଁର ଜଳ, ଜଙ୍ଗଲ, ଜମି ଓ ପ୍ରାକୃତିକ ସମ୍ପଦର ସୁରକ୍ଷା ଓ ସଠିକ୍ ପରିଚାଳନା ପାଇଁ କାର୍ଯ୍ୟ କରୁଛି। ଜଳବାୟୁ ପରିବର୍ତ୍ତନ, ଜଳ ଅଭାବ ଓ ପରିବେଶ ପ୍ରଦୂଷଣ ଭଳି ସମସ୍ୟାର ସମାଧାନ ପାଇଁ ଲୋକଙ୍କ ମଧରେ ସଚେତନତା ସୃଷ୍ଟି କରିବା ସହ ସ୍ଥାୟୀ ବିକାଶର ବିଭିନ୍ନ କାର୍ଯ୍ୟକ୍ରମ ଚାଲୁ ରଖିଛି। ପରିବେଶ ଫାଉଣ୍ଡେସନ କେବଳ ଏକ ସଂସ୍ଥା ନୁହେଁ, ବରଂ ଏହା ଏକ ଜନଆନ୍ଦୋଳନ। ଯେଉଁଠାରେ ଗ୍ରାମର ପ୍ରତ୍ୟେକ ଲୋକ, ମହିଳା, ଯୁବକ, କୃଷକ ଓ ଛାତ୍ରଛାତ୍ରୀଙ୍କୁ ସାଥୀ କରି ଏକ ସବୁଜ, ସ୍ୱଚ୍ଛ, ଜଳ ସୁରକ୍ଷିତ ଓ ସମୃଦ୍ଧ ଗାଁ ଗଠନର ଲକ୍ଷ୍ୟ ନେଇ ଆଗେଇ ଚାଲିଛି।



● କାଳୀ ସାଧନାର କରୁଣ ପରିଣତି

## ମାଆ ପରେ ଭାଇବୋହୂକୁ ହତ୍ୟା, ପଡ଼ୋଶୀ ଗୁରୁତର

ବଡ଼ସାହି, ୧୮।୬(ସମିସ): ବଡ଼ସାହି ଥାନା ଅଧୀନ ବଳଭଦ୍ରପୁର ପଞ୍ଚାୟତ ଛେଳିଆ (ଖ) ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ପାଖାପାଖି ୧୦ ବର୍ଷ ଧରି କାଳୀ ସାଧନା କରୁଥିବା ଅଭିଯୁକ୍ତ ପୁଅ ନିଜ ମାଆର ଜିଭକୁ ଟାଣି ଆଣି ମୁଣ୍ଡକୁ ଛେଚି ହତ୍ୟା କରିଥିଲେ। ଏଥିପାଇଁ ଜେଲ ଯାଇ ଫେରିଥିଲେ ମଧ ସାଧନାର ଭୂତ ତାଙ୍କ ମୁଣ୍ଡରୁ ଓହ୍ଲାଇ ନ ଥିଲା। ଏହାକୁ ନେଇ ସାନଭାଇ ବାରଣ କରିବାରୁ ଉଭୟଙ୍କ ମଧରେ କଥା କଟାକଟି ହେଉଥିଲା। ଫଳରେ ପୁଞ୍ଜିଭୂତ ଅସନ୍ତୋଷକୁ ନେଇ ସାନଭାଇର ସ୍ତ୍ରୀ ଝୁମକି ସିଂଙ୍କୁ ସେ କୁରାଢିରେ ହାଣି ହତ୍ୟା କରିଥିବାବେଳେ ଛଡାଇବାକୁ ଆସିଥିବା ପଡୋଶୀ ଦଶିଆ ସିଂଙ୍କ ସ୍ତ୍ରୀ ପ୍ରୀତିଲତା ସିଂ ଗୁରୁତର ଆହତ ହୋଇ ବାରିପଦା ପିଆରଏମ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଅଭିଯୁକ୍ତ ଜଣକ ହେଲେ ଗୁଣାକର ସିଂ। ଖବରପାଇ ପୁଲିସ ପହଞ୍ଚି ଶବ ବ୍ୟବଚ୍ଛେଦ କରିଥବାବେଳେ ଅଭିଯୁକ୍ତ ଗୁଣାକରକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ୧୬୩ ଧାରା ଲାଗିଥିବା ବାଲିଘାଟରୁ ହାଇୱା ଜବତ



ବଡସାହି, ୧୮।୬(ସମିସ): ବଡ଼ସାହି ବ୍ଲକ ଅଧୀନ ବୁଢ଼ାବଳଙ୍ଗ ନଦୀର ଶାକୁଆ, ମହୁପୁରା, ଡିଙ୍ଗିରା, ବାଗୁଲି ଓ ଆସକନ୍ଦ ଘାଟରୁ ବେଆଇନ ବାଲି ଚାଲାଣ ଉପରେ ରୋକ୍ ଲଗାଇବା ପାଇଁ ସବଡିଭିଜିନାଲ ମାଜିଷ୍ଟ୍ରେଟ୍‌ଙ୍କ ନିର୍ଦ୍ଦେଶରେ ବିଏନଏସଏସ ଧାରା ୧୬୩ ଲଗାଯାଇଛି। ଏହାପରେ ମଧ ଉକ୍ତ ବାଲିଘାଟରୁ ବେଧଡକ ବାଲି ଚୋରା ଚାଲାଣ ହେଉଥିବା ଗ୍ରାମବାସୀ ଭୟରେ ନିଜ ନାମ ଗୋପନ ରଖି ବାରମ୍ବାର ଅଭିଯୋଗ କରୁଛନ୍ତି। ଏହାକୁ ନେଇ ଗତ ୧୬ରେ 'ସକାଳ'ରେ ଖବର ପ୍ରସାରଣ ହୋଇଥିଲା। ଫଳରେ ବୁଧବାର ଲଘୁ ଓ ଖଣିଜ ବିଭାଗ ଅଧିକାରୀ ଶିବନାଥ ମୁଣ୍ଡାରୀ ଓ ଟିମ୍ ଶାକୁଆ ଘାଟରୁ ବାଲି ଲୋଡ କରି ବାହାରୁଥିବା ଏକ ହାଇୱାକୁ ଜବତ କରି ଥାନାକୁ ହସ୍ତାନ୍ତର କରିଛନ୍ତି। ଏହି ଗାଡ଼ିକୁ ଲୋଡ ଦେଉଥିବା ଜେସିବି ମେସିନକୁ ସେ ପାଇ ନ ଥିବା ଶ୍ରୀ ମୁଣ୍ଡାରୀ କହିଛନ୍ତି। ଏହାକୁ ନେଇ ନିୟମ ଅନୁସାରେ ଯାହା କିଛି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ, ତାହା କରାଯିବ ବୋଲି କହିଛନ୍ତି। ବୁଧବାର ବାଗୁଲି ଘାଟ ସମ୍ମୁଖରେ ଥିବା ବେଆଇନ ଡମ୍ପରୁ ମଧ ହାଇୱାରେ ବାଲି ଲୋଡ ହେଉଥିବା ଖବର ମିଳିଛି। ସେହିପରି ବର୍ତ୍ତନା ଡିଙ୍ଗିରା ଘାଟରୁ ମଧ ବାଲି ଚାଲାଣ ଜାରି ରହିଥିବା ଅଭିଯୋଗ ହେଉଛି। ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

### ଶାମାଖୁଣ୍ଟା ବ୍ଲକ୍ କାର୍ଯ୍ୟାଳୟରେ ପିସି କାରବାରକୁ ନେଇ ତେଜିଲା ଅସନ୍ତୋଷ

## ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ନିର୍ବାଚିତ ପଞ୍ଚାୟତ ପ୍ରତିନିଧି

ବାରିପଦା, ୧୮।୬(ସମିସ):ବାଙ୍ଗିରିପୋଷି ବିଧାନସଭା ନିର୍ବାଚନମଣ୍ଡଳୀର ଶାମାଖୁଣ୍ଟା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟକଳାପକୁ ନେଇ ଉଦବେଗ ପ୍ରକାଶ ପାଇଛି। ଏକଛତ୍ରବାଦ ଶାସନ ସହିତ ପିସି କାରବାରକୁ ନେଇ ନିର୍ବାଚିତ ପଞ୍ଚାୟତ ପ୍ରତିନିଧିଙ୍କ ମଧରେ ଅସନ୍ତୋଷ ବୃଦ୍ଧି ପାଇଛି। ସରକାରୀ ପ୍ରକଳ୍ପ ଅଟକଳ ମୂଲ୍ୟର ୧୦ ପ୍ରତିଶତ ଅଗ୍ରୀମ ଟଙ୍କା ଆଦାୟକୁ ନେଇ ନିର୍ବାଚିତ ପଞ୍ଚାୟତ ପ୍ରତିନିଧିଙ୍କ ସହିତ ସଚେତନ ନାଗରିକ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ଓ ଜନସାଧାରଣଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ରରେ ଘଟଣାର ନିରପେକ୍ଷ ତଦନ୍ତ ସାଙ୍ଗକୁ ବିଡିଓଙ୍କୁ ଅନ୍ୟ ଜିଲ୍ଲାକୁ ବଦଳି ପାଇଁ ନିବେଦନ କରିଛନ୍ତି। ଏ ନେଇ ରାଜସ୍ୱ ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ, ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ବାଙ୍ଗିରିପୋଷି ବିଧାୟିକାଙ୍କ ନିକଟକୁ ଦାବିପତ୍ର ପ୍ରଦାନ କରିଛନ୍ତି।

ସୂଚନା ମୁତାବକ, ବ୍ଲକର ୧୪ଟି ପଞ୍ଚାୟତ ଅଧୀନରେ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଯୋଜନା ପ୍ରସ୍ତୁତ କରାଯାଉଛି। ୫ ପ୍ରତିଶତ ହାରରେ ବିଡିଓ ମୁନ୍ନା ସେଠୀ ଅଗ୍ରୀମ ଟଙ୍କା ନେବା ପରେ ପ୍ରକଳ୍ପ ଅନୁମୋଦନ ପାଇଁ ପଠାଯାଉଛି। ଯେଉଁ ପଞ୍ଚାୟତରେ ଠିକାଦାର ଅଗ୍ରୀମ ଟଙ୍କା ଦେଇପାରୁନାହାନ୍ତି, ସେ ପଞ୍ଚାୟତରେ ଜନସାଧାରଣଙ୍କ ଆବଶ୍ୟକ ମୁତାବକ ପ୍ରକଳ୍ପ ହୋଇପାରୁନାହିଁ। ଆବଶ୍ୟକ ସ୍ଥାନରେ ରାସ୍ତା କିମ୍ବା ପ୍ରକଳ୍ପ ଦିଆଯାଉନାହିଁ। ବ୍ୟକ୍ତିଗତ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରକଳ୍ପ ଅନୁମୋଦନ କରାଯାଉଛି। ଯାହାକି ୪ ଲକ୍ଷ ୩୪ ହଜାର ୭ ଶହ ଟଙ୍କା ବ୍ୟୟ ଅଟକଳରେ ଶାମାଖୁଣ୍ଟା ପଞ୍ଚାୟତ ତେଲବିଲା ପୂର୍ତ୍ତ ବିଭାଗ ରାସ୍ତାଠାରୁ ଶ୍ମଶାନ ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ କରାଯାଉଛି। ସେହିପରି ଗୁଣ୍ଡିହୁଡି ଆରଡି ରାସ୍ତାଠାରୁ ସନ୍ତୋଷ ମହାନ୍ତ ଘର ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ବେଆଇନ ଭାବେ କରାଯାଉଛି। ତେବେ ବ୍ଲକ କାର୍ଯ୍ୟାଳୟ ଚିଠି ନଂ ୨୬୯୮/୨୦୨୩-୨୪ ଆର୍ଥିକ ବର୍ଷରେ ବ୍ଲକର ସମସ୍ତ ପଞ୍ଚାୟତକୁ ୪୪ ଲକ୍ଷ ଟଙ୍କାର ପ୍ରକଳ୍ପ ଅନୁମୋଦନ ପାଇଁ ପଠାଯାଇଥିଲା। ସେଥିରେ ଶାମାଖୁଣ୍ଟା ପଞ୍ଚାୟତର ୧୪ ଲକ୍ଷ ଟଙ୍କା ଦିଆଯାଇଥିବାବେଳେ ବାଉଁଶବିଲା, ପାଇକବସା, ମହୁଲିଆ ପଞ୍ଚାୟତକୁ ଟଙ୍କାଟିଏ ଅର୍ଥ ପ୍ରଦାନ କରାଯାଇ ନ ଥିବା ଗୁଣ୍ଡିହୁଡି ପଞ୍ଚାୟତ ସମିତିସଭ୍ୟ ବରୁଣ କୁମାର ମହାନ୍ତ ଓ ସରପଞ୍ଚ ମାଳତୀ ମୁର୍ମୁ ପ୍ରକାଶ କରିଛନ୍ତି।

ସେହିପିରି ୧୧୪୫/୨୦୨୩-୨୪ ବର୍ଷରେ ସମସ୍ତ ପଞ୍ଚାୟତକୁ ୧ କୋଟି ୭୪ ଲକ୍ଷ ଟଙ୍କାର ପ୍ରକଳ୍ପ ଅନୁମୋଦିତ ହୋଇଥିଲା। ସେଥିମଧ୍ୟରୁ ଶାମାଖୁଣ୍ଟା ପଞ୍ଚାୟତକୁ ୩୧ ଲକ୍ଷ ୧୫ ହଜାର ଓ କୁଚିଲାଘାଟି ପଞ୍ଚାୟତକୁ ୨୭ ଲକ୍ଷ ୭୯ ହଜାର ଟଙ୍କା ପ୍ରକଳ୍ପ ଅନୁମୋଦିତ ହୋଇଛି। ସେହିପରି ଚିଠି ନଂ ୨୯୩୭/୨୦୨୪-୨୫ ବର୍ଷରେ ୧ କୋଟି ୬୨ ଲକ୍ଷ ଟଙ୍କା ପ୍ରକଳ୍ପ ମଧ୍ୟରୁ ଶାମାଖୁଣ୍ଟା ପଞ୍ଚାୟତରେ ୧୯ ଲକ୍ଷ ୬୩ ହଜାର, ମହୁଲିଆ ପଞ୍ଚାୟତକୁ ୧୫ ଲକ୍ଷ, ଶିରିଶବଣିକୁ ୯ ଲକ୍ଷ ୫୦ ହଜାର ଟଙ୍କା ଦିଆଯାଇଛି। ଚିଠି ନଂ ୧୦୩୮୫/୨୦୨୫-୨୬ ବର୍ଷରେ ୨ କୋଟି ୭୬ ଲକ୍ଷ ୧୩ ହଜାର ୭୨୭ ଟଙ୍କା ଅନୁମୋଦିତ ହୋଇଥିବାବେଳେ ବାଲିଡିହା ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କା ପ୍ରକଳ୍ପ ଦିଆଯାଇଛି। ରଙ୍ଗାମାଟିଆ ପଞ୍ଚାୟତକୁ ୪୫ ଲକ୍ଷ ଓ ଭାଲୁକି, କଳାପଥର, ଗୁଣ୍ଡିହୁଡି, କେନ୍ଦୁଆ ପଞ୍ଚାୟତକୁ ୩୦ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଅନ୍ୟପକ୍ଷରେ ଏମଜିଏନଆରଇଜିଏ ପ୍ରକଳ୍ପରେ ବିଡିଓ ୫ ପ୍ରତିଶତ ଅଗ୍ରୀମ ଟଙ୍କା ନେଇ ଭେଣ୍ଡରକୁ ବିଲ କରିବାକୁ ନିର୍ଦ୍ଦେଶ ଦେଉଛନ୍ତି। ସେହିପରି ପ୍ରକଳ୍ପ ଟେଣ୍ଡର କାର୍ଯ୍ୟରେ ମଧ ସମସ୍ତ ଟେଣ୍ଡରକୁ ଅଫଲାଇନରେ କରି ୫ ପ୍ରତିଶତ ଅର୍ଥ ଅଗ୍ରୀମ ଠିକାଦାରଙ୍କଠାରୁ ନେଉଛନ୍ତି। ଏପରିକି କୌଣସି ଟେଣ୍ଡର ବିଡିଓ ଥିବା ସମୟରେ ଅନଲାଇନରେ ହୋଇନାହିଁ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଜିଲ୍ଲାପାଳ ଓ ରାଜନେତାଙ୍କ ନାମରେ ଟଙ୍କା ଆଦାୟ ବ୍ଲକର ଉନ୍ନତିମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବାବେଳେ ବ୍ଲକ କାର୍ଯ୍ୟାଳୟ ଏବେ ଦୁର୍ନୀତିର ଗନ୍ତାଘର ପାଲଟିଛି। ପିଅନଠାରୁ ଆରମ୍ଭ କରି ଉଚ୍ଚପଦସ୍ଥ ଅଧିକାରୀ ବିନା ଲାଞ୍ଚରେ କାର୍ଯ୍ୟ କରୁନାହାନ୍ତି। ଫଳରେ ଗରିବ ଓ ଅସହାୟ ଲୋକେ ନ୍ୟାୟ ନ ପାଇ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିରରେ ଭିଡ କରୁଛନ୍ତି। ଦାବିପତ୍ରରେ କେନ୍ଦୁଆ ସମିତି ସଭ୍ୟ ବାଇଧର ସିଂ ଓ ସରପଞ୍ଚ ମଲ୍ଲୀ ମାଝୀ, କଳାପଥର ସମିତିସଭ୍ୟ ସୋମନାଥ ସିଂ, ବାଉଁଶବିଲା ସରପଞ୍ଚ ଲମ୍ବୋଦର ସିଂ, ଭାଲୁକି ସମିତିସଭ୍ୟ ଲକ୍ଷ୍ମୀ ମହାନ୍ତ, କୋଚିଲାଘାଟି ସମିତିସଭ୍ୟ ପାର୍ବତୀ ମାଝୀ, ସିନ୍ଦୁରଗୌରା ସମିତିସଭ୍ୟ ସଙ୍ଗୀତା ନାଏକଙ୍କ ସମେତ ୱାର୍ଡ ସଭ୍ୟ ଓ ସମ୍ପୃକ୍ତ ପଞ୍ଚାୟତର ୱାର୍ଡସଭ୍ୟସଭ୍ୟା ଉପରୋକ୍ତ ଅନିୟମିତତା ଉଲ୍ଲେଖ କରିଛନ୍ତି। ଏ ନେଇ ବିଡିଓ ସେଠୀଙ୍କ ସହ ଯୋଗାଯୋଗ କରିବାରୁ ପ୍ରଶାସନିକ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ ସେ ଗଣମାଧ୍ୟମକୁ କୌଣସି ପ୍ରତିକ୍ରିୟା ଦେଇପାରିବେ ନାହିଁ ବୋଲି କହିଛନ୍ତି।

